# ନଳକୂପକୁ ନେଇ ୧୪୪ ଧାରା ଜାରି

ପଟ୍ଟାମୁଣ୍ଡାଇ,୨୨।୮(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତ କୃଷ୍ଣଦାସପୁର ଗ୍ରାମର ଯେନାସାହି ଠାରେ ଏକ ନଳକୂପ ପ୍ଲାଟଫର୍ମ ନିର୍ମାଣକୁ ନେଇ ସେହି ସ୍ଥାନରେ ବୁଧବାର ୧୪୪ ଧାରା ଜାରି ହୋଇଛି । ଏଥିନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ପ୍ରକାଶ ଯେ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଗତ ୯ ବର୍ଷ ପୂର୍ବେ ଏକ ସରକାରୀ ଜମିରେ ସ୍ଥାପିତ ହୋଇଥିବା ଏହି ନଳକୂପରୁ କୃଷ୍ଣଦାସପୁର ଗ୍ରାମର ୧୨ ନଂ ୱାର୍ଡର ୪୬ ପରିବାର ପାନୀୟ ଜଳ ବ୍ୟବହାର କରୁଥିଲେ । ଏବେ ଏହି ନଳକୂପରୁ ପାଣି ସଂଗ୍ରହ ଗ୍ରାମବାସୀଙ୍କ ପାଇଁ କଷ୍ଟକର ହୋଇପଡିଛି । ୨୦୧୬-୧୭ ମସିହାରେ କୃଷ୍ଣଦାସପୁର ଆରଡି ରାସ୍ତା ନିର୍ମାଣ ସମୟରେ ମାଟି ପଡି ନଳକୂପଟି ପୋତି ହୋଇ ପଡିଥିଲା । ଗ୍ରାମବାସୀ ନିଜ ଉଦ୍ୟମରେ ନଳକୂପକୁ ଠିକ କରି ପାନୀୟ ଜଳ ନେଉଥିଲେ । ତେବେ ଗତ ୫ ମାସ ହେଲା ସେହି ଗ୍ରାମର ମେଘନାଦ ଦାସ ନାମକ ଜଣେ ବ୍ୟକ୍ତି ନିଜ ଘର ନିର୍ମାଣ କରିବା ଆଳରେ ବାଲି ପକାଇ ପୁନର୍ବାର ନଳକୂପକୁ ପୋତି ଦେଇ ଗାଡିରେ ନିର୍ମାଣ ସାମଗ୍ରୀ ବୋହୁଥିଲେ । ନଳକୂପ ନିକଟରୁ ନିଜେ ମାଟି ଖୋଳି ନେବେ ବୋଲି ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ନଳକୂପର ପ୍ଲାଟଫର୍ମ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ନିକଟରେ ୩୦ହଜାର ଟଙ୍କା ମଞ୍ଜୁର କରାଯାଇ ଖଗେଶ୍ୱର ଯେନାଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ପୋତି ଦେଇଥିବା ନଳକୂପ ନିକଟରୁ ମାଟି ଉଠାଇ ନେବାକୁ ଗ୍ରାମବାସୀ ମେଘନାଦଙ୍କୁ ବାରମ୍ବାର କହିଥିଲେ ମଧ୍ୟ ସେ ମାଟି ଉଠାଇ ନ ଥିଲେ । ଫଳରେ ଗତ ୧୪ ତାରିଖରେ ଖଗେଶ୍ୱର ମୁଲିଆ ଲଗାଇ ମାଟି ଖୋଳିଥିଲେ । ହେଲେ ମେଘନାଦଙ୍କ ପରିବାର ଏହାକୁ ବିରୋଧ କରି କାମ ବନ୍ଦ କରି ଦେଇଥିଲେ । ଏଥିନେଇ ଖଗେଶ୍ୱର ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଥିଲେ । ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଗତ ୧୬ ତାରିଖରେ ଗ୍ରାମବାସୀ ପ୍ଲାଟଫର୍ମ ନିର୍ମାଣ ପାଇଁ ଫାଣ୍ଡିରେ ଜଣାଇଥିଲେ । ବୁଧବାର ଚଉଦକୁଲାଟ ଫାଣ୍ଡି ପୋଲିସ କୃଷ୍ଣଦାସପୁର ଗ୍ରାମରେ ପହଞ୍ଚି ନଳକୂପ ସ୍ଥାନରେ ୧୪୪ ଧାରା ଜାରି କରାଯିବା ନେଇ କହିଥିଲେ । ମେଘନାଦଙ୍କ ପୁତୁରା ଅଜୟ କୁମାର ଦାସ ଉପଜିଲାପାଳ ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଦାଖଲ କରିଥିବା କ୍ରିମିନାଲ ମିଶ କେଶ ନଂ ୭୨୦/୨୦୧୮ର ଶୁଣାଣି ହୋଇ ୧୪୪ ଧାରା ଜାରି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଶାନ୍ତିଭଙ୍ଗ ନ ହେବା ପାଇଁ କୁହାଯାଇଛି ।


ଯେନାସାହିରେ ଥିବା ନଳକୂପ ।

■ ତୋଟାସାହି ପ୍ରାଥମିକ ବିଦ୍ୟାଳୟ କାନ୍ଥ ଭୁଶୁଡିବା ଘଟଣା

# ଉପଜିଲାପାଳଙ୍କ ଘଟଣାସ୍ଥଳ ପରିଦର୍ଶନ

ଡେରାବିଶ,୨୨।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ଚାନ୍ଦୋଳସ୍ଥିତ ତୋଟାସାହି ପ୍ରାଥମିକ ବିଦ୍ୟାଳୟର କାନ୍ଥ ମଙ୍ଗଳବାର ପୂର୍ବାହ୍ନରେ ଭୁଶୁଡି ପଡିଥିଲା । ଏହି ଘଟଣାରେ କୌଣସି ଛାତ୍ରୀଛାତ୍ର ମୃତାହତ ହୋଇ ନ ଥିଲେ ମଧ୍ୟ ଏଭଳି ଅଘଟଣ ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା । ବୁଧବାର ମଧ୍ୟାହ୍ନରେ ଉପଜିଲାପାଳ ତଥା ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସଞ୍ଜୟ କୁମାର ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଅସ୍ଥାୟୀ ଭାବେ କିଭଳି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯିବ ସେନେଇ ସ୍କୁଲର ଶିକ୍ଷା କମିଟି ଓ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ । ଏହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ୨୦୧୦ ମସିହାରେ ଗ୍ରାମବାସୀଙ୍କ ଦ୍ୱାରା ତିଆରି ହୋଇଥିବା ଛପର ଘରେ ବିଦ୍ୟାଳୟ ଚାଲିଥିଲା । ମଙ୍ଗଳବାର ଏହି ଦୁର୍ଘଟଣା ପରେ ଘଟଣାସ୍ଥଳକୁ ଆସିଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରହରି ସୂତାର ଜଣେ ବ୍ୟକ୍ତିବିଶେଷଙ୍କ ଗୃହରେ ଅସ୍ଥାୟୀ ଭାବେ ଶିକ୍ଷାଦାନ କରିବା ପାଇଁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଛୁଟି ଥିବାରୁ ଗୁରୁବାର ଠାରୁ ଏହି ଗ୍ରାମରେ ବେସରକାରୀ ଗୃହରେ ଶିକ୍ଷାଦାନ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି । ଏଥିସହିତ ଏକମାସ ମଧ୍ୟରେ ଜାଗା ଚିହ୍ନଟ କରାଯାଇ ବିଦ୍ୟାଳୟର ସ୍ଥାୟୀ ଗୃହ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଉପଜିଲାପାଳ କହିଥିଲେ । ଏହି ଆଲୋଚନାରେ ଉପଜିଲାପାଳଙ୍କ ସହ ସାମାଜିକ କର୍ମୀ ଶିବାଶିଷ ମହାନ୍ତିଙ୍କ ସମେତ ଶିକ୍ଷା କମିଟିର ସଦସ୍ୟ ଓ ଗ୍ରାମବାସୀ ଭାଗ ନେଇଥିଲେ ।

## ସଂକ୍ଷେପରେ

### ଜିଲା ବେସରକାରୀ ଶିକ୍ଷକ ସଂଘ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୨୨।୮:** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ବେସରକାରୀ ଶିକ୍ଷକ ସଙ୍ଘର ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ବୈକୁଣ୍ଠନାଥ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଶିକ୍ଷକ ନେତା ଡା. ଦିଲୀପ କୁମାର ମିଶ୍ର, ଗୋଲଖ ଚନ୍ଦ୍ର ମହାଭୋଇ, ରଞ୍ଜିତ କୁମାର ଦାସ, ମଥୁରୀଚରଣ ନାୟକ, ଲୋକନାଥ ଗିରି ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କର ସାମ୍ପ୍ରତିକ ସମସ୍ୟାକୁ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଆସନ୍ତା ବିଧାନସଭା ସମୟରେ ସଂଘର ଆହ୍ୱାନରେ ସ୍ଥିରୀକୃତ ଗଣଧାରଣାକୁ ସଫଳ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାଧାପକ ତପନ କୁମାର ପତି, ଅଧାପକ ଗୌରପ୍ରସାଦ ଷଡ଼ଙ୍ଗୀ, ଅଶୋକ କୁମାର ଦାସ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଟିଟୋ ଗିରଫ ମାମଲା
### ମହିପାଳର ସରୋଜଙ୍କୁ ଉଠାଇ ନେଲା କ୍ରାଇମବ୍ରାଞ୍ଚ

**କେନ୍ଦ୍ରାପଡା ଅଫିସ, ୨୨।୮:** ଗ୍ୟାଙ୍ଗଷ୍ଟର ସୟଦ ଉସମାନ୍ ଅଲ୍ଲୀ ଓରଫ ଟିଟୋଙ୍କ ବିଷୟରେ ପଚରାଉଚୁରା କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ବୁଧବାର ସନ୍ଧ୍ୟାରେ କେନ୍ଦ୍ରାପଡା ସହରର ମହିପାଳସ୍ଥିତ ସରୋଜ ପତିଙ୍କୁ ଉଠାଇନେଇଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡା ସହରରେ ସରୋଜଙ୍କ ଏକ କମ୍ପ୍ୟୁଟର ଦୋକାନ ରହିଛି । ଟିଟୋଙ୍କ ବିଭିନ୍ନ ବ୍ୟବସାୟୀକ ଅନୁଷ୍ଠାନକୁ କମ୍ପ୍ୟୁଟର ଯୋଗାଇବା ସହ ଡାଟା ଏଣ୍ଟ୍ରିରେ ସେ ସହଯୋଗ କରୁଥିଲେ । ଏନେଇ ଅଧିକ ଖୋଳତାଡ କରିବା ପାଇଁ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ନେଇଯାଇଥିବା ସୂଚନା ମିଳିଛି।

### ଲକ୍ଷାଧିକ ଟଙ୍କାର ଚୋରି

**ମହାକାଳପଡ଼ା, ୨୨।୮(ଡି.ଏନ.ଏ.):** ମହାକାଳପଡ଼ା ବ୍ଲକ କିଆରବାଙ୍କ ଗ୍ରାମ କେନାଲ ଛକଠାରେ ଥିବା ଏକ ଇଲେକ୍ଟ୍ରି ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରି ପାର୍ଟ୍ସ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ସରୋଜକାନ୍ତ ଦାସ ବୁଧବାର ମହାକାଳପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି।

### ୨ ଫେରାର ଶିକାରୀ ଗିରଫ

ରାଜନଗର, ୨୨।୮ (ଡି.ଏନ୍.ଏ.): ଭିତରକନିକା ଜାତୀୟ ଉଦ୍ୟାନରେ ପଶୁ ଶିକାର କରି ଫେରାର ଥିବା ୨ଅଭିଯୁକ୍ତଙ୍କୁ ରାଜନଗର ବନ ବିଭାଗ କର୍ତ୍ତୃପକ୍ଷ ମଙ୍ଗଳବାର ରାତିରେ ଗିରଫ କରିଛନ୍ତି। ସେମାନେ ହେଲେ ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଓକିଲପାଳ ଗ୍ରାମର ଅର୍ଜୁନ ସାମଲ ଏବଂ ଭଗବାନ ସାମଲ। ସେମାନେ ଦୀର୍ଘଦିନ ଧରି ଫେରାର ଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ବନପାଳ ପ୍ରଦୀପ୍ତ ସ୍ୱାଇଁ, ସଞ୍ଜୟ ପ୍ରଧାନ, ବନରକ୍ଷୀ ତ୍ରିଦୀପ ପ୍ରଧାନ, ଦେବେନ୍ଦ୍ର ଶତପଥୀ ପ୍ରମୁଖ ସେମାନଙ୍କ ଘରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ। ଏ ନେଇ ସେମାନଙ୍କ ନାମରେ ପୂର୍ବରୁ ୩୩/୨୦୦୭ ଓ ୬/୨୦୦୬ ନଂ.ରେ ଦୁଇଟି ମାମଲା ରହିଛି।

### ପିକ୍‌ଅପ ଭ୍ୟାନ ଧକ୍କାରେ ଯୁବକ ମୃତ

**କେନ୍ଦ୍ରାପଡା ଅଫିସ, ୨୨।୮:** କଟକ ଚାନ୍ଦବାଲି ରାଜ୍ୟ ରାଜପଥର ଦୁହୁରିଆ-ଜମଧର ମଧ୍ୟ ରାସ୍ତାରେ ଏକ ପିକଅପ ଭ୍ୟାନ ଧକ୍କାରେ ବୁଧବାର ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, କଟକ ଜିଲା ବଡମ୍ବା ଅଧୀନ ରତାପାଟ ଗ୍ରାମର ସଞ୍ଜୟ କୁମାର ଦାସ ଏକ ବାଇକରେ କେନ୍ଦ୍ରାପଡାରୁ କଟକ ପାର୍ଶ୍ୱକୁ ଯାଉଥିବା ସମୟରେ ସମ୍ମୁଖରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ.-ଓଡି ୦୫ ଟି ୫୫୧୧) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସଞ୍ଜୟ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ କେତେଜଣ ଯୁବକଙ୍କ ସହାୟତାରେ ପ୍ରଥମେ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁକଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ତେବେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ସଦର ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା ରୁଜୁ ହେବା ସହିତ ପିକ୍‌ଅପ ଭ୍ୟାନକୁ ପୋଲିସ ଜବତ କରିଛି।

■ ପ୍ରଧାନମନ୍ତ୍ରୀ ଫସଲ ବୀମା

# ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨ ପଞ୍ଚାୟତ ସାମିଲ

ରାଜନଗର, ୨୨।୮ (ଡି.ଏନ୍.ଏ.)

ରାଜନଗର ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରଥମ ପର୍ଯ୍ୟାୟରେ ପୂର୍ବରୁ ୧୧ଟି ପଞ୍ଚାୟତକୁ ସାମିଲ କରାଯାଇଥିଲା। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଯୋଜାନାରେ ବ୍ଲକର ରାଜନଗର ଓ ସାନବଡ଼ଗୋପାଳପୁର ପଞ୍ଚାୟତର ଚାଷୀମାନଙ୍କୁ ସାମିଲ କରାଯାଇଛି। ଏହାସତ୍ତ୍ୱେ ରାଜନଗର ବ୍ଲକର ୧୬ଟି ପଞ୍ଚାୟତର ଚାଷୀମାନେ ଫସଲ କ୍ଷତି ବାବଦ ବୀମା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ବୀମା କମ୍ପାନୀର ଉପର ଠାଉରିଆ ତଦନ୍ତ ଯୋଗୁ ଚାଷୀମାନେ ହଇରାଣ ହେଉଥିବା ବେଳେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରାଯାଇ ବୀମା ଟଙ୍କା ପ୍ରଦାନ କରା ନଗଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଖରିଫ ଋତୁରେ ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତିମଧ୍ୟରୁ ଗୋପାଳପୁର ପ୍ରାଥମିକ କୃଷି ସେବା ସମବାୟ ସମିତିରେ କୃଷିଋଣ ଦିଆଯାଇ ନଥିଲା। ଅନ୍ୟ ୧୩ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ମାଧ୍ୟମରେ ୧୨, ୩୭୨ଜଣ ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଟାଟା ଏଆଇଜି ଇନ୍ସ୍ୟୁରାନ୍ସ କମ୍ପାନୀ ସମସ୍ତ ଚାଷୀଙ୍କଠାରୁ ବୀମାରାଶି ବାବଦ ୬୭ ଲକ୍ଷ ୯୬ ହଜାର ୭ଶହ ଟଙ୍କା ୭୦ ପଇସା ନେଇଥିଲା। ମାତ୍ର ଖରିଫ ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବୀମା କମ୍ପାନୀ ସମସ୍ତ ଚାଷୀଙ୍କୁ ବୀମା ବାବଦ ଟଙ୍କା ଦେଉ ନଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଇଦ୍-ଉଲ୍-ଜୁହାରେ ସମୂହ ନମାଜ ପାଠ

ଆଳି, ୨୨।୮ (ଡି.ଏନ୍.ଏ.)

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତରେ ବୁଧବାର ଇଦ-ଉଜ-ଜୁହା ପର୍ବ ପାଳିତ ହୋଇଯାଇଛି। ପଞ୍ଚାୟତର ପଦନପୁର, ରସୁଲପୁର, କଳାପାହାଡ, ଗୋପ ଅଞ୍ଚଳରେ ଥିବା ମୁସଲମାନ ସାହିର ମୁସଲିମ ଭାଇମାନେ ସକାଳ ୮.୩୦ରେ ଇଦଗାହ ପଡିଆଠାରେ ପହଞ୍ଚି ସମୂହ ନମାଜ ପାଠ କରିଥିଲେ। ମୌଲାନା ନୁରୁଲାହ କାସମୀ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବା ସହ ନମାଜ ପାଠ କରାଇଥିଲେ। ନମାଜ ପାଠ ପରେ ଇଦଗାହ ପଡିଆରୁ ବାହାରି ମୁସଲମାନ ଭାଇମାନେ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବ, ବିଧାୟକ ଦେବେନ୍ଦ୍ର ଶର୍ମା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ମେଣ୍ଟପୁର ସରପଞ୍ଚ ପ୍ରତାପ ସାହୁ, ସମିତିସଭ୍ୟ ସେକ ଆୟୁବ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ବ୍ଲକ କଂଗ୍ରେସ ସଭାପତି ପର୍ଶୁରାମ ରାଉତରାୟ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ବାଳକାଟି ସରପଞ୍ଚ ଦିବାକର ନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ନିଆଳ ସରପଞ୍ଚଙ୍କ ପ୍ରତିନିଧି ଅଶୋକ ମଲିକ ପ୍ରମୁଖ ଯୋଗଦେଇ ମୁସଲମାନ ଭାଇମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଇଦଗାହ ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ଇଦ୍-ଉଲ-ଜୁହାରେ ଭାଇଚାରାର ବାର୍ତ୍ତା

କେନ୍ଦ୍ରାପଡ଼ା ଅଫିସ୍, ୨୨।୮

କେନ୍ଦ୍ରାପଡ଼ା ଜିଲାର ମୁସଲମାନ ବହୁଳ ଅଞ୍ଚଳରେ ବୁଧବାର ଶାନ୍ତି ଶୃଙ୍ଖଳାର ସହ ଇଦ୍-ଉଲ-ଜୁହା ପାଳିତ ହୋଇଯାଇଛି। ଏଥିପାଇଁ ବିଭିନ୍ନ ଇଦ୍‌ଗାହଠାରେ ସମୂହ ନମାଜ ପାଠ ପାଇଁ ବ୍ୟବସ୍ଥା କରାଯାଇଥିଲା। ସଲଫିଆ ଇଦ୍‌ଗାହଠାରେ ଉଭୟ ପୁରୁଷ ଓ ମହିଳାମାନେ ନମାଜ ପାଠ କରିଥିବାବେଳେ ପୁରୁଣା ଇଦ୍‌ଗାହରେ ସକାଳ ୮ଟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ନୂଆ ଇଦ୍‌ଗାହରେ ସକାଳ ୮.୩୦ରେ ସ୍ୱତନ୍ତ୍ର ନମାଜ ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ସମୂହ ନମାଜ ପାଠ କାର୍ଯ୍ୟକ୍ରମରେ ୨୦ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ମହିଳା ଓ ପୁରୁଷ ଭାଗ ନେଇଥିଲେ। ଶାନ୍ତି ଶୃଙ୍ଖଳାର ସହ ଏହି ପର୍ବ ପାଳନ ନିମନ୍ତେ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏସ୍‌ପି ନୀତି ଶେଖରଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡା, ଡିଏସ୍‌ପି ରଞ୍ଜନ କୁମାର ଦେ, ୩ ଇନ୍ସପେକ୍ଟର, ୨୯ ଏସ୍‌ଆଇ ଓ ଏଏସଆଇ, ୧୬ ସେକ୍ସନ ଓଏସପି ଓ ଏପିଆର ଫୋର୍ସ ମୁତୟନ ହୋଇଥିଲେ।


ସହରସ୍ଥିତ ନୂଆ ଇଦ୍‌ଗାହ ପଡିଆଠାରେ ସମୂହ ନମାଜ ପାଠ।

## ଛାତ୍ର ବିଜେଡି ନୂତନ ସଭାପତି ନିଯୁକ୍ତ

ରାଜନଗର, ୨୨।୮ (ଡି.ଏନ୍.ଏ.)

ରାଜନଗର ବ୍ଲକ ଛାତ୍ର ବିଜେଡିର ନୂତନ ସଭାପତି ଭାବେ ଛାତ୍ରନେତା ପ୍ରକାଶ ଚନ୍ଦ୍ର ତାଡୁଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ପ୍ରକାଶ ପୂର୍ବରୁ ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ର ସଂସଦର ସଭାପତି ଥିଲେ। ଛାତ୍ର ସଂସଦର ସମ୍ପାଦକ ଭାବେ ଅରୁପାନନ୍ଦ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଡେରାବିଶରେ ଇଦ୍-ଉଲ୍-ଜୁହା ପାଳିତ


ଗୋଲରାହାଟ ମସଜିଦ୍‌ରେ ସମୂହ ନମାଜ ପାଠ

ଡେରାବିଶ,୨୨। ୮(ସ୍ୱ.ପ୍ର.)–ବଳିଦାନ ଓ ସମର୍ପଣ ସ୍ମୃତିର ପ୍ରତୀକ ମୁସଲମାନଙ୍କ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ମୁସଲମାନ ସାହିରେ ଆନନ୍ଦ ଉଲ୍ଲାସର ସହ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ବ୍ଲକ ଅନ୍ତର୍ଗତ ଗୋଲରାହାଟ, ବାଲିଆ, ଛଚିଣା, ଓଲଢି, ମନ୍ତ୍ରୀପଡା, ହଳଦିଆ, ମୋଗଲବା ଓ ସବଳଙ୍ଗ କଣିପଡା ପ୍ରଭୃତି ମୁସଲମାନ ସାହି ଉତ୍ସବ ମୁଖର ହୋଇ ପଡିଥିଲା । ଏହି ସାହିରେ ଥିବା ଇଦ୍‌ଗାହା ଓ ମସ୍‌ଜିଦଗୁଡିକରେ ମୁସଲମାନ ଭାଇମାନେ ସକାଳ ସାଢେ ୮ଟାରୁ ସାଢେ ୯ଟା ମଧ୍ୟରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିବା ସହ ବିଶ୍ୱଶାନ୍ତି ଓ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ଗୋଲରାହାଟ ପଞ୍ଚାୟତସ୍ଥିତ ଦେଓବନ୍ଦି ଜୁମା ମସଜିଦ୍‌ରେ ହାପିଜ ମକ୍‌ବୁଲ ସାହେବ ଇଦ୍ ର ନମାଜ ପାଠ କରାଇଥିବା ବେଳେ ସୁନିବରେଲି ମସଜିଦ୍‌ରେ ହାପିଜ୍ ଅସଲମ ରଜା ସମୁହ ନମାଜ ପାଠ କରାଇଥିଲେ । ସେହିପରି ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଞ୍ଚିଣା ମସଜିଦ୍‌ରେ ମୌଲାନା ଜମିଲ ସାହେବ, ବାଲିଆ ପଞ୍ଚାୟତର ବାଲିଆ ମସଜିଦ୍‌ରେ ମୌଲାନା କୁଦୁଶ୍ ସାହେବ, ପଲେଇ ପଞ୍ଚାୟତର ସବଳଙ୍ଗ କଣିପଡା ଦେଓବନ୍ଦି ମସଜିଦରେ ମୌଲାନା ଜଲାଲ ସାହେବ କାଶ୍‌ମୀ, ଚାଟରାଚକଡା ପଞ୍ଚାୟତର ଓଲଢି ସୁନି ତଏବୁଲ ମସଜିଦ୍‌ରେ ହାଫିଜ୍ ୱାସିମ ଅଖତର, ଓଲଢି କାଉପଡା ମସଜିଦରେ ହାପିଜ କୁଦରତ,ଓଲଢି ମିର୍ଜାନଗର ମସଜିଦରେ ମୌଲାନା ତୌର ସାହେବ ନମାଜ ପାଠ କରାଇଥିଲେ । ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡା ମସଜିଦରେ କାରୀ ଜାକିର ନୁରୀ, କୁଶିଆପାଳ ପଞ୍ଚାୟତର ହଳଦିଆ ସୁନିବରେଲି ମସଜିଦ୍‌ରେ ହାଫିଜ ଇବରାର୍ ଆଲମ ହବିବି ଓ ଦେଓବନ୍ଦି ମସଜିଦରେ ହାଫିଜ୍ ସେକ ମୁସ୍ତାକ ଓ ନିଆମତପୁର ମସଜିଦରେ ହାଫିଜ ସୟଦ ସମସୁଲ୍ ଆବେଦିନ ସମୂହ ନମାଜପାଠ କରାଇଥିଲେ । ଏହାଛଡା ଗୁଆଳସିଂ ପଞ୍ଚାୟତର ମିର୍ଜାପାଟଣା ମସଜିଦରେ ହାଫିଜ ଫଜଲୁଲ୍ ହକ୍ , ମଦିନାବାଗ ମସଜିଦରେ ମୌଲାନା ୟୁନୁସ ସାହେବ, ନିଆମତପୁର ମସଜିଦ୍‌ରେ ମୌଲାନା ଉଜିର ସାହେବ ସମୂହ ନମାଜ ପାଠ କରାଇବା ସହ ବିଶ୍ୱକଲ୍ୟାଣ ପାଇଁ ସମୂହ ଦୁଆ (ପ୍ରାର୍ଥନା) କରିଥିଲେ । ନମାଜ ପାଠ ପରେ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ମହାପୁରୁଷ ହଜରତ୍ ଇବ୍ରାହିମ୍ (ଅ-ସ) ଆଲ୍ଲାଙ୍କ ସ୍ୱପ୍ନାଦେଶ କ୍ରମେ ନିଜର ପ୍ରାଣପ୍ରିୟ ପୁତ୍ର ହଜରତ୍ ଇସ୍‌ମାଇଲ୍ (ଅ-ସ)ଙ୍କୁ ପୁତ୍ରମୋହ ତ୍ୟାଗ ପୂର୍ବକ ବଳି ଦେବା ପାଇଁ ଉଦ୍ୟତ ହେଉଥିବା ବେଳେ ଆଲ୍ଲା ପ୍ରୀତ ହୋଇଥିଲେ । ପୁତ୍ର ବଦଳରେ ମେଣ୍ଢା ଜାତୀୟ ପ୍ରାଣୀ (ଦୁମ୍ବା)କୁ ବଳି ଦେବା ପାଇଁ ଆଲ୍ଲା ପ୍ରେରଣ କରିଥିଲେ । ଏହି ବଳିଦାନର ସ୍ମୃତି ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଉଛି ।

■ ପରଲୋକରେ ବରିଷ୍ଠ ଗ୍ରନ୍ଥାଗାରିକ ହରିହର ଦାସ

# ଝୁରୁଛି ଡାଇମଣ୍ଡ ଜୁବୁଲି ପାଠାଗାର

କେନ୍ଦ୍ରାପଡା ଅଫିସ୍, ୨୨।୮

କେନ୍ଦ୍ରାପଡ଼ା ସହର ମଧ୍ୟସ୍ଥଳରେ ରହିଛି ଡାଇମଣ୍ଡ ଜୁବୁଲି ପାଠାଗାର। ୧୨୧ ବର୍ଷର ଏହି ଅନୁଷ୍ଠାନରେ ୬୬ ବର୍ଷ ଧରି ଗ୍ରନ୍ଥାଗାରିକ ଭାବେ କାର୍ଯ୍ୟ କରିଥିବା ହରିହର ଦାସ (୯୨)ଙ୍କର ମଙ୍ଗଳବାର ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଘଟିଛି। ପରିବାର ସଦସ୍ୟ ହରିହରଙ୍କ ମରଶରୀର ପୁରୀ ସ୍ୱର୍ଗଦ୍ୱାରରେ ଦାହ କରିଛନ୍ତି। ତେବେ ହରିହରଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ୩ ପିଢ଼ିର ପାଠକ। ମୃତ୍ୟୁର ମାତ୍ର ଆଠମାସ ପୂର୍ବରୁ ସେ ପାଠାଗାର ଆସିବା ବନ୍ଦ କରିଥିଲେ। ପାଠାଗାର ତାଙ୍କ ପାଇଁ ସବୁକିଛି ଥିଲା। ତାଙ୍କ ଘରଠାରୁ ପ୍ରାୟ ୧ କି.ମି. ଦୂର ଏହି ପାଠାଗାରକୁ ହରିହର ନଇଁନଇଁ ସନ୍ଧ୍ୟାରେ ଆସୁଥିଲେ। ଟେବୁଲ ସଫା କରିବା ସହ ଦୈନିକ ଖବରକାଗଜ ପତ୍ରିକାକୁ ସଜାଇ ରଖୁଥିଲେ। ପରେ ନିଜ ପାଇଁ ଉଦ୍ଦିଷ୍ଟ କାଠ ଚେୟାର ଉପରେ ବସି ଯାଉଥିଲେ। ନିଷଦ୍ଦରେ ବିତୁଥିଲା ଦୁଇଘଣ୍ଟା। ଏହାପରେ ଚାବି ପକାଇ ଘରକୁ ଯାଉଥିଲେ। ଏହା ଭିତରେ ବିତିଥିଲା ଦୀର୍ଘ ୬୬ ବର୍ଷ ଗ୍ରନ୍ଥାକାରିକ ଜୀବନ। କଟକ କେନ୍ଦ୍ରାଞ୍ଚଳ ସମବାୟ ସମିତିରେ ଦୀର୍ଘଦିନ କାର୍ଯ୍ୟ କରୁଥିବା ହରିହର ୧୯୫୨ରେ ପାଠାଗାରରେ ଗ୍ରନ୍ଥାଗାରିକ ଭାବେ ଯୋଗ ଦେଇଥିଲେ।

ଏ ସମ୍ପର୍କରେ ପାଠାଗାରର ସଭାପତି ସଚ୍ଚିଦାନନ୍ଦ ମହାନ୍ତି କୁହନ୍ତି, ୧୮୯୭ ଜୁନ ୫ ତାରିଖରେ କେନ୍ଦ୍ରାପଡ଼ା ରାଜସ୍ୱ କ୍ଷେତ୍ରର ବ୍ରିଟିଶ ଅଧିକାରୀ ଓ କେନ୍ଦ୍ରାପଡ଼ାର ସ୍ଥାନୀୟ ଅଧିବାସୀ ରାଣୀ ଏଲିଜାବେଥ (୧୧)ଙ୍କ ଡାଇମଣ୍ଡ ଜୁବୁଲି ପାଳନ ଅବସରରେ ଏହି ପାଠାଗାରକୁ ସ୍ଥାପନା କରିଥିଲେ। ୧୫ହଜାରରୁ ଊର୍ଦ୍ଧ୍ୱ ବହି ଥିବା ଏହି ପାଠାଗାରରେ ୧୮୮୦ ମସିହାରୁ ଚାର୍ଲସ ଡିକେନସନଙ୍କ ସମ୍ପୂର୍ଣ୍ଣ ରଚନା, ରବର୍ଟ ବ୍ରାଉନିଙ୍କ କବିତା ବହି ଏ ରିବାଉଣ୍ଡ, ମାର୍କ ଟ୍ୱିନସଙ୍କ ଟମ ସାୱାର ପରି ଦୁର୍ମୂଲ୍ୟ ପୁସ୍ତକ ଗଚ୍ଛିତ ଅଛି। ଗ୍ରନ୍ଥାଗାରିକ ହରିହରଙ୍କ ତତ୍ତ୍ୱାବଧାନରେ ରହି ବହୁ ବିଦ୍ୱାନ ଏହି ପୁରୁଣା ବହି ପାଠ କରୁଥିଲେ। ହରିହର ଟଙ୍କା ଅପେକ୍ଷା ଜ୍ଞାନ ବିତରଣକୁ ବହୁ ଗୁରୁତ୍ୱ ଦେଇଥିବା ପାଠାଗାରର ସଭାପତି ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ସମ୍ପାଦକ କୁଞ୍ଜବିହାରୀ ସାହୁ କୁହନ୍ତି, ହରିହର ପୁସ୍ତକପ୍ରିୟ। ଘର ଅପେକ୍ଷା ପାଠାଗାର ପ୍ରତି ସେ ଅଧିକ ଅନୁରକ୍ତ ଥିଲେ। ପାଠାଗାର ଖୋଲିବାଠାରୁ ଆରମ୍ଭ କରି ପାଠକଙ୍କୁ ପୁସ୍ତକ ଯୋଗାଇବାରେ କେବେ ଅବହେଳା କରି ନାହାନ୍ତି। ସେହିପରି ପାଠାଗାର ପରିସରରେ ଥିବା ପୁରାତନ ଚିତ୍ରକଳା, ଫଟୋ ଆଦିକୁ ଯତ୍ନର ସହକାରେ ତଦାରଖ କରୁଥିଲେ। ତେବେ ପାଠାଗାର ପକ୍ଷରୁ ତାଙ୍କୁ ମାସିକ ଖୁବ୍ କମ୍ ଦରମା ଦିଆଯାଉଥିଲା ବୋଲି ସାହୁ କହିଛନ୍ତି। ହରିହରଙ୍କ ପୁଅ ଗଗନ କୁହନ୍ତି ଯେ, ପାଠାଗାରକୁ ଆସିବା ବାପାଙ୍କର ଏକ ନିଶାରେ ପରିଣତ ହୋଇ ଯାଇଥିଲା। ତାଙ୍କର ବିୟୋଗରେ ଆଇନଜୀବୀ ସରୋଜରାଜ ସିଂହ, ବୁଦ୍ଧିଜୀବୀ ଆଶିଷ ସେନାପତି, ମୀର ଓବେଦା, ଅମରବର ବିଶ୍ୱାଳ, ଫକୀର ଚରଣ ପରମାଣିକ ପ୍ରମୁଖ ଶୋକ ପ୍ରକଟ କରିଛନ୍ତି।

# ଜିଲାସ୍ତରୀୟ ମେଧା ସମ୍ମାନ ସମାରୋହ

ମାର୍ଶାଘାଇ,୨୨।୮(ଡିଏନଏ)

କେନ୍ଦ୍ରାପଡା ଜିଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁହୁଡି ସିଦ୍ଧ ମହାପୁରୁଷ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲାସ୍ତରୀୟ ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଯୋଗ ଦେଇ ସଂଗଠନର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା ଜିଲାର ବିକାଶ ପାଇଁ ଆଜିର ଛାତ୍ରୀଛାତ୍ରମାନେ ସ୍ୱପ୍ନ ଦେଖିବା ଉଚିତ୍ । ଯିଏ ଯେତେ ଉପରକୁ ଯାଉ ନା କାହିଁକି ଜିଲାର ଉନ୍ନତି ପାଇଁ କର୍ତ୍ତବ୍ୟ ସଂପାଦନ କରି ପାରିଲେ ସେହି ପିଲାମାନଙ୍କର ଜୀବନ ଧନ୍ୟ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ବୁଧବାର ଅନୁଷ୍ଠିତ ହୋଇଥିବା ଏହି ସମାରୋହରେ ନାଗରିକ ମଞ୍ଚର ସଭାପତି ଆଡଭୋକେଟ୍ ପ୍ରତାପ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁହୁଡି ପଞ୍ଚାୟତର ସରପଞ୍ଚ ସୁଶ୍ରୀ ସଙ୍ଗୀତା ସ୍ୱାଇଁ, କୁହୁଡି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ,ପୂର୍ବତନ ପ୍ରଧାନ ଶିକ୍ଷକ ବୈତାରୀ ପାତ୍ର, ଶିକ୍ଷକ ନେତା ଦିବାକର ଜେନା, ନାଗରିକ ମଞ୍ଚର ଉପଦେଷ୍ଟା ପରେଶ କୁମାର ଦାସ, ସାଧାରଣ ସଂପାଦକ ଇଂ ସୌମ୍ୟ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ୨୦୧୮ ମସିହା ମାଟ୍ରିକ ପରୀକ୍ଷାରେ କେନ୍ଦ୍ରାପଡା ଜିଲାର ଟପ୍ପର ସ୍ୱର୍ଣ୍ଣମଣି ସାହୁ ଏବଂ +୨ ପରୀକ୍ଷାର ଜିଲା ଟପ୍ପର ସମୀନା ନାଜ୍‌ଙ୍କୁ ମାନପତ୍ର ଏବଂ ଉଭୟଙ୍କୁ ୫୦୦୦ ଟଙ୍କା ନଗଦ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କ ପିତାମାତାଙ୍କୁ ମଧ୍ୟ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁହୁଡି ସିଦ୍ଧ ମହାପୁରୁଷ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ ବିଜୟନୀ ସ୍ୱାଇଁ ଏବଂ ୧୦ମ ଶ୍ରେଣୀର ଛାତ୍ର ଭାଗବତ ସାହୁଙ୍କୁ ପୁସ୍ତକ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ପ୍ରଣବ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନେତା ଭଗବାନ ସାହୁ ଧନ୍ୟବାଦ ଦେଇଥିଲେ। ନାଗରିକ ମଞ୍ଚର ସଭ୍ୟ ମରୁତ କୁମାର ସ୍ୱାଇଁ, ଉମାକାନ୍ତ ଦାସ, ଅଭିମନ୍ୟୁ ରାଉତଙ୍କ ସମେତ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଉତ୍ସବରେ ଉପସ୍ଥିତ ଥିଲେ। ଜିଲାର ଅଧିକାଂଶ ନାଗରିକ କୃଷି ଉପରେ ନିର୍ଭରଶୀଳ ହୋଇଥିବାରୁ ଏହି ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ ଏକ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ପାଇଁ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଦାବି କରିଥିଲେ। ଏହି ଅବସରରେ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା ।



ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ମଦ ମୁକ୍ତ ଓଡ଼ିଶା ପାଇଁ ବୈଠକ

କେନ୍ଦ୍ରାପଡ଼ା ଅଫିସ, ୨୨।୮

ଓଡ଼ିଶା ନିଶା ନିବାରଣ ଅଭିଯାନ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ସହରର ତିନିମୁହାଣିସ୍ଥିତ ରାମମନ୍ଦିର ପରିସରରେ ମଦମୁକ୍ତ ଓଡ଼ିଶା ଲକ୍ଷ୍ୟରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ବରିଷ୍ଠ ସଦସ୍ୟା ପାର୍ବତୀ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମଦର ପ୍ରସାର ବନ୍ଦ ଦାବିରେ ଦସ୍ତଖତ ଅଭିଯାନ, ନିଶା ନିବାରଣ ଆଇନ ଓ ସଂଗଠନର ମଜଭୁତୀକରଣ ପାଇଁ ଆଲୋଚନା ହୋଇଥିଲା। ଏଥିରେ ଜିଲା ସମ୍ପାଦକ ଆଦିକନ୍ଦ ରାଉଳ, କୈଳାସ ମଲ୍ଲିକ, ଶ୍ରୀକାନ୍ତ ନାୟକ, ଶରତ କୁମାର ମଲ୍ଲିକ, ଦ୍ରୌପ୍ରଦୀ ରାଉତ, ଅଜୟ ସାମଲ, ନକୁଳ ଦାସ, ଈଶ୍ୱର ଚନ୍ଦ୍ର ସାହୁ, ରମଣୀ ରଞ୍ଜନ ରାଉତରାୟ, ପ୍ରଦୀପ ଦାଶ, ମମତାମୟୀ ସାମଲ, ନିରୁପମା ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ମଦ ପ୍ରସାର ନୀତିକୁ ସମାଲୋଚନା କରିଥିଲେ। ଏଥିସହିତ ବୈଠକରେ ଜିଲାରେ ଦସ୍ତଖତ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ସଂଗଠକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଶେଷରେ ସନାତନ ମୁଦୁଲି ଧନ୍ୟବାଦ ପ୍ରଦାନ କରିଥିଲେ।



ଅହଂକାର ହେଉଛି ଚୋରାବାଲି ଭଳି, ଥରେ ସେଥିରେ ପଡ଼ିଗଲେ ବିଚାର ବୁଦ୍ଧି ତଳକୁ ତଳକୁ ଚାଲିଯାଏ।

- ଜର୍ଜ ସ୍ୟାଣ୍ଡ୍



## ସଂକ୍ଷେପରେ

### ସଦ୍‌ଭାବନା ଦିବସ ପାଳନ




ବିଞ୍ଝାରପୁର,୨୨।୮(ଡି.ଏନ.ଏ): ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବରେଇଁ ଗ୍ରାମରେ ଗୋପବନ୍ଧୁ ସେବା କ୍ଲବ ଓ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ସଦ୍‌ଭାବନା ଦିବସ ରୂପେ ପାଳନ କରାଯାଇଛି। ସମ୍ପାଦକ ସମରେଶ ବାହାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥିଭାବେ ଦିଲ୍ଲୀପ କୁମାର ସାହୁ ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ଗୁଣଗାନ କରିଥିଲେ। ଏହି ସଭାରେ କ୍ଲବର ସଭାପତି ମାନସ ସାହୁ, ବିଶ୍ୱଜିତ୍ ଯେନା, ସନ୍ତୋଷ ପଣ୍ଡା, ଦିଲ୍ଲୀପ ବେହେରା, ପ୍ରସନ୍ନଜିତ୍ ସାମଲ, ଶିବାନନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସଂଯୋଜିକା ସ୍ମରଣିକା ଦାସ ଧନ୍ୟବାଦ ଅର୍ପଣ ରଖିଥିଲେ।

### ଯାଜପୁରରେ ଇଦ୍-ଉଜ୍-ଜୁହା ପାଳିତ

ବିରଜାକ୍ଷେତ୍ର,୨୨।୮(ଡି.ଏନ୍.ଏ): ଯାଜପୁର ସହରର ମୁସଲମାନ ସମ୍ପ୍ରଦାୟର ଭାଇମାନେ ପବିତ୍ର ଇଦ୍-ଉଜ୍-ଜୁହା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିଛନ୍ତି। ଏହି ପର୍ବ ମୁସଲମାନ ଭାଇମାନଙ୍କ ତ୍ୟାଗ ଓ ବଳିଦାନର ପର୍ବ ଅଟେ। ବୁଧବାର ସକାଳେ ଯାଜପୁର ସହର ସମେତ ଆଖପାଖ ଅଞ୍ଚଳର ଶହ ଶହ ମୁସଲମାନ ଭାଇମାନେ ସାହି ମସଜିଦ୍‌ଠାରେ ଏକତ୍ରିତହୋଇ ସମୁହ ନମାଜପାଠ କରିବା ସହ ଭାରତବର୍ଷର ଶାନ୍ତି, ମୈତ୍ରୀ ଓ ଭାଇଚାରା ଅକ୍ଷୁର୍ଣ୍ଣ ରଖିବାପାଇଁ ପ୍ରାର୍ଥନା କରିଥିଲେ। ମୌଲାନା ରଜାଉଲ କାଦରୀ ଶ୍ରଦ୍ଧାଳୁମାନଙ୍କୁ ନମାଜପାଠ କରାଇଥିଲେ। ଏହି ଅବସରରେ ମୁସଲମାନ ଭାଇମାନେ ପରସ୍ପରକୁ ଇଦ୍-ଉଜ୍-ଜୁହାର ବଧାଇ ଜଣାଇଥିଲେ। ସେହିପରି ଯାଜପୁର ସହରରେ ଥିବା ତାରାମଦନ, ଗରିଆପୁର, ଦେବୀଦ୍ୱାର ଓ ସିନ୍ଦୁରାଇମୁହଁ ମସଜିଦ୍‌ରେ ସମୁହ ନମାଜପାଠ କରାଇଥିବାବେଳେ ମୁସଲମାନ ଭାଇମାନେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଯାଜପୁର ବ୍ଲକ ଯମଧରପୁର, ପାଣ୍ଡିଆ ଗୋପୀନାଥପୁର ଇଦ୍‌ଗାହ ପଡ଼ିଆରେ ସମୁହ ନମାଜପାଠ କରାଯାଇଥିଲା। ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଅବସରରେ ଅନ୍ୟ ସମ୍ପ୍ରଦାୟର ଭାଇମାନେ ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବିଭିନ୍ନ ମସଜିଦ୍ କମିଟି ପକ୍ଷରୁ ନମାଜପାଠ ପରିଚାଳନା କରାଯାଇଥିଲା।

### ଆନନ୍ଦ ଉଲ୍ଲାସ ମଧ୍ୟରେ ଇଦ୍ ଉଜ୍ ଜୁହା ପାଳିତ

ବିଞ୍ଝାରପୁର,୨୨।୮(ଡି.ଏନ.ଏ): ବିଞ୍ଝାରପୁର ବ୍ଲକର ବିଞ୍ଝାରପୁର, ସୟଦପୁର, ଅଳକୁଣ୍ଡ, ନୂଆଗାଁ, କଏଣା ରଘୁନାଥପୁର, ଶାସନ୍ଦା ଆଦି ଗ୍ରାମରେ ମୁସଲମାନ ଭାଇଭଉଣୀମାନେ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ଇଦ୍‌ଉଜ୍ ଜୁହା ପର୍ବ ପାଳନ କରିଛନ୍ତି। ବୁଧବାର ସକାଳେ ଅବିଭକ୍ତ ବିଞ୍ଝାରପୁର ପଞ୍ଚାୟତର ପୁରୁଣା ଇଦ୍‌ଗାହା ଓ ନୂଆ ଇଦ୍‌ଗାହା ପରିସର ଲୋକାରଣ୍ୟ ହୋଇଉଠିଥିଲା। ସଖାଳ ୮ଟାରେ ମୁସଲମାନ ଭାଇମାନେ ନମାଜପାଠ ପାଇଁ ଇଦ୍‌ଗାହା ପରିସରକୁ ପ୍ରବେଶ କରିଥିଲେ। ପୁରୁଣା ଇଦ୍‌ଗାହାରେ ମୌଲାନା ହାଫିଜ ଲୁତ୍‌ଫାନ ଅଲ୍ଲୀ ନମାଜ ପାଠ କରାଇଥିଲେ। ସେହିପରି ବିଞ୍ଝାରପୁର ଜାମାମସଜିଦ୍ ନୂଆ ଇଦ୍‌ଗାହାରେ ଅନୁଷ୍ଠିତ ନମାଜପାଠ କାର୍ଯ୍ୟକ୍ରମରେ ମୁଫ୍‌ତି ମହମ୍ମଦ୍ ଅର୍ଶଦ୍ ଜକ୍କୀ ନମାଜପାଠ କରାଇଥିଲେ। ଏହି ନମାଜପାଠ କାର୍ଯ୍ୟକ୍ରମରେ ବହୁ ଅନୁଗାମୀ ନମାଜ ପାଠ କରିଥିଲେ। ଅଳକୁଣ୍ଡ ଜାମା ମସଜିଦ୍‌ରେ ଅନୁଷ୍ଠିତ ନମାଜପାଠରେ ମୌଲାନା ଇଫ୍‌ତେଖାର ଅଞ୍ଜୁମ ମୋଜାହିଦ୍ ନମାଜପାଠ କରାଇଥିଲେ । ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ସେହିପରି ନୂଆଗାଁ ଠାରେ ସେକ୍ ଅବାସ୍ ଅଲ୍ଲୀ ଓ ମୌଲାନା ଫଜ୍‌ଲେରହିମ୍ କାସମୀ ନମାଜ ପାଠ କରାଇଥିଲେ, ଶାସନ୍ଦା ଠାରେ ମଧ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ହାଫିଜ୍ ରାହତଅଲ୍ଲୀ ଖାନ ସମବେତ ନମାଜପାଠ କରାଇଥିଲେ। କଏଣାଠାରେ ଅନୁଷ୍ଠିତ ନମାଜପାଠ କାର୍ଯ୍ୟକ୍ରମରେ ମୌଲାନା ଅନୱରୁଲ୍ ଇସଲାମ ନମାଜପାଠ କରାଇଥିଲେ। ନମାଜପାଠ ପରେ ଜାତି, ଧର୍ମ, ମତ ନିର୍ବିଶେଷରେ ବହୁ ବିଶିଷ୍ଟ ଲୋକେ ପରସ୍ପର ମଧ୍ୟରେ ଇଦ୍ ଅଭିନନ୍ଦନ ଜଣାଇଥିଲେ।

# ଜିଲା କଂଗ୍ରେସରେ ଟିକେଟକୁ ନେଇ ଚର୍ଚ୍ଚା

ଯାଜପୁର ଅଫିସ,୨୨।୮

- ଗତ ନିର୍ବାଚନରେ ଟକ୍କର ଦେଇଥିବା ୩ ପ୍ରାର୍ଥୀ ଦଳରେ ନାହାନ୍ତି
- ଅମାନତ ହରାଇଛନ୍ତି ବରୀ, ଧର୍ମଶାଳା ଓ ଯାଜପୁର ପ୍ରାର୍ଥୀ
- ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଶରତଙ୍କୁ ମିଳିପାରେ ଟିକେଟ

ରାଜ୍ୟରେ ୨୦୧୯ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଆଗୁଆ ଟିକେଟ ବଣ୍ଟନ ନେଇ ତତ୍ପରତା ପ୍ରକାଶ କରିଛି। କାହାକୁ ଟିକେଟ ମିଳିବ ସେନେଇ ଦଳ ବିଭିନ୍ନ ମାପଦଣ୍ଡ ମଧ୍ୟ ପ୍ରସ୍ତୁତ କରିଛି। ବିଶେଷକରି ବିଧାୟକ ଥିବା , କିମ୍ବା କମ୍ ବ୍ୟବଧାନରେ ପରାଜିତ ହୋଇଥିବା ବା ବିଜୟ ସମ୍ଭାବନା ପ୍ରାର୍ଥୀଙ୍କୁ ଟକେଟ ଦିଆଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସୂଚନା ଦେଇଛି। ଏଭଳିସ୍ଥିତିରେ ଯାଜପୁର ଜିଲାରେ ଜାତୀୟ ଦଳ କଂଗ୍ରେସର ସାଂଗଠନିକ ସ୍ଥିତି ସେତେଟା ସୁଦୃଢ ନ ଥିଲେ ବି ୭ଟି ନିର୍ବାଚନ ମଣ୍ଡଳିରେ ଟିକେଟ ପାଇବାକୁ ବହୁ ଆଶାୟୀ ରହିଛନ୍ତି। ତେବେ ଗତ ବିଧାନସଭା ନିର୍ବାଚନରେ କଂଗ୍ରେସରୁ ଟକ୍କର ଦେଇଥିବା କୋରେଇରୁ ବିଶ୍ୱରଞ୍ଜନ ମଲ୍ଲିକ, ବିଞ୍ଝାରପୁରରୁ ବବିତା ମଲ୍ଲିକ ଓ ବଡଚଣାରୁ ଜନ୍ମେଜୟ ଲେଙ୍କା ଏଥର ଦଳରେ ନାହାନ୍ତି। ସୁକିନ୍ଦାରୁ ମାତ୍ର ୪,୭୯୦ ଭୋଟରେ ହାରିଥିବା କଂଗ୍ରେସର ଶରତ ରାଉତ ଏକମାତ୍ର ପ୍ରାର୍ଥୀ ଦିଶୁଥିବାବେଳେ ବରୀ, ଧର୍ମଶାଳା ଓ ଯାଜପୁର ସମେତ କୋରେଇ, ବିଞ୍ଝାରପୁର ଓ ବଡଚଣା ନିର୍ବାଚନ ମଣ୍ଡଳିରେ ଟିକେଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜିଲାର ବହୁ ନୂତନ କଂଗ୍ରେସ କର୍ମୀ ଟିକେଟ ପାଇବାକୁ ଏବେଠାରୁ ଆଶା ବାନ୍ଧିଲେଣି।

ଜିଲାର ଏକମାତ୍ର ସଂରକ୍ଷିତ ଆସନ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ୨୦୧୪ସାଧାରଣ ନିର୍ବାଚନରେ କଂଗ୍ରେସ ତାର ପାରମ୍ପରିକ ଭୋଟ ପାଇବାକୁ ସମର୍ଥନ ହୋଇଥିଲା। ବିଜେଡିର ପ୍ରମିଳା ମଲ୍ଲିକ ୭୪,୫୩୨ ଭୋଟ ପାଇ ବିଜୟୀ ହୋଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ବବିତା ମଲ୍ଲିକ ୩୬,୩୪୨ ଭୋଟ ପାଇଥିଲେ। ଗତ ପଞ୍ଚାୟତ ନିର୍ବାଚନ ପରେ ବବିତା ଭାଜପାରେ ଯୋଗ ଦେଇଛନ୍ତି । ତେଣୁ ଏହି ନିର୍ବାଚନ ମଣ୍ଡଳିରୁ ରାଜ୍ୟର ମହିଳା ସମ୍ପାଦିକା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା କନକଲତା ମଲ୍ଲିକ ପ୍ରମୁଖ ଆଶାୟୀ ପ୍ରାର୍ଥୀ ରହିଥିବା ଶୁଣାଯାଉଛି। ବରୀ ନିର୍ବାଚନ ମଣ୍ଡଳିରେ ଏଥର କଂଗ୍ରେସରୁ ଆଶାୟୀ ପ୍ରାର୍ଥୀ ଭାବେ ପୂର୍ବତନ ସମିତିସଭ୍ୟ ଉମେଶ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଷ୍ଣୁଚରଣ ମହାନ୍ତି, ପିସିସି ସମ୍ପାଦକ ମନୋଜ ମହାପାତ୍ର ଓ ପଦ୍ମାକର ଗୁରୁ ଆଗରେ ରହିଛନ୍ତି । ଗତ ନିର୍ବାଚନରେ ଗଗନ ଜେନା ମାତ୍ର ୭୬୮୨ ଭୋଟ ପାଇ ଅମାନତ ହରାଇଥିଲେ। ବିଜେଡିରୁ ଦେବାଶିଷ ନାୟକ ୫୯,୮୦୦ ଭୋଟ ପାଇ ବିଜୟୀ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ୫୨,୬୨୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଜନ୍ମେଜୟ ଲେଙ୍କା ଗତ ନିର୍ବାଚନରେ ୩୬,୩୮୩ ଭୋଟ ପାଇଥିଲେ ହେଁ ଏଥର ସେ କଂଗ୍ରେସରୁ ଇସ୍ତଫା ପ୍ରଦାନ କରିଛନ୍ତି। ତେଣୁ ତାଙ୍କ ସ୍ଥାନରେ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି ଟିକେଟ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ନିର୍ବାଚନ ମଣ୍ଡଳିରେ କଂଗ୍ରେସର ସମସ୍ତ ସାଂଗଠନିକ କାର୍ଯ୍ୟରେ ସେ ଆଗରେ ରହି ଆସୁଛନ୍ତି। ଏହାସହ ବିଭିନ୍ନ ଆନ୍ଦୋଳନ ସହ ପଞ୍ଚାୟତସ୍ତରରେ ସାଂଗଠନିକ ସ୍ଥିତିକୁ ସଜାଡିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ଏହାସହ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, ଯୁବ କଂଗ୍ରେସର ବିଶ୍ୱପ୍ରକାଶ ସାମଲ ମଧ୍ୟ ଟିକେଟ ପାଇବାକୁ ଅଶା ରଖିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳିରେ ଶ୍ରୀନାଥ ମିଶ୍ର ଗତ ନିର୍ବାଚନରେ ୨୩,୪୫୫ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ହେଲେ ବିଜେଡିର ପ୍ରଣବକୁମାର ବଳୱନ୍ତରାୟ ୧,୦୯,୨୪୧ ଭୋଟ ପାଇ ବିଜୟୀ ହୋଇ ଶ୍ରୀନାଥଙ୍କୁ ଅମାନତ ହରାଇଥିଲେ। ତେଣୁ ଏଥର ପୂର୍ବତନ ବିଧାୟକ କାଙ୍ଗାଳିଚରଣ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ମାନସ ରଞ୍ଜନ କର ଟିକେଟ ପାଇବାକୁ ଆଶା ରଖିଛନ୍ତି । ଏହି ନିର୍ବାଚନ ମଣ୍ଡଳିରେ କଂଗ୍ରେସର ସାଂଗଠନିକ ସ୍ଥିତି ଅତି ଦୁର୍ବଳ ଅବସ୍ଥାରେ ରହିଛି । ହେଲେ ବିଜେଡି ଓ ଭାଜପାରେ ନୂଆ ପୁରୁଣା ଲଢେଇ ଲାଗି ରହିଥିବାରୁ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ଆଲୋଚନା ହେଉଛି । ଯାଜପୁର ନିର୍ବାଚନ ମଣ୍ଡଳିରେ ସନ୍ତୋଷ କୁମାର ନନ୍ଦ ଗତ ନିର୍ବାଚନରେ ୧୯,୮୪୫ ଭୋଟ ପାଇ ଅମାନତ ହରାଇଥିଲେ । ବିଜେଡିରୁ ପ୍ରଣବ ପ୍ରକାଶ ଦାସ ୧,୦୪,୪୫୮ ଭୋଟ ପାଇଁ ବିଜୟୀ ହୋଇଥିଲେ । ତେଣୁ ସଂଗଠନକୁ ସୁଦୃଢ କରୁଥିବା ଯୁବନେତା ତଥା ଏଆଇସିସି ସଭ୍ୟ ପୁଣିନ ପୁହାଣ ଏଥର ଟିକେଟ ପାଇବାର ଅଧିକ ସମ୍ଭାବନା ରହିଛି। ଅନ୍ୟମାନଙ୍କ ମଧ୍ୟରେ ମନୋଜ ରାଉତ ଓ ବଳଭଦ୍ର ଦାସଙ୍କ ମଧ୍ୟ ନାମ ଚର୍ଚ୍ଚାରେ ରହିଛି। କୋରେଇ ନିର୍ବାଚନ ମଣ୍ଡଳି କଂଗ୍ରେସ ପାଇଁ ଅଧିକ ଗୁରୁତ୍ୱବହନ କରୁଛି । କାରଣ ଏଥର ଖୋଦ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ନିର୍ବାଚନ ମଣ୍ଡିଳିରୁ ଠିଆ ହେବେ ବୋଲି ଚର୍ଚ୍ଚା ଜୋର ଧରିଛି । ଗତ ନିର୍ବାଚନରେ କଂଗ୍ରେସର ବିଶ୍ୱଜିତ ମଲ୍ଲିକ ୩୧,୦୯୯ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଏଥର ସେ କଂଗ୍ରେସ ଛାଡି ଭାଜପାରେ ଯୋଗଦେଇଛନ୍ତି। ବିଜେଡିରୁ ଆକାଶ ଦାସନାୟକ ୭୩,୮୨୪ ଭୋଟ ପାଇ ବିଜୟୀ ହୋଇଥିଲେ । ତଥାପି କଂଗ୍ରେସରୁ ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ ପ୍ରମୁଖଙ୍କ ସହିତ ଆଉ ୪ ଜଣ ଆଶାୟୀ ରହିଛନ୍ତି । ଶ୍ରମିକ ନେତା ମହାନ୍ତି କଂଗ୍ରେସ ଦଳକୁ ସଂଗଠିତ କରିବା ପାଇଁ ଲୋକମାନଙ୍କ ସମସ୍ୟା ନେଇ ବିଭିନ୍ନ ଧାରଣା, ଆନ୍ଦୋଳନମାନ ଜାରି ରଖିଛନ୍ତି। ଅନ୍ୟପକ୍ଷେ ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା କୋରେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସଭା ସମିତିରେ ଯୋଗଦେଇ ସଂଗଠନକୁ ଆଗେଇ ନେଇଛନ୍ତି। ଏଭଳିସ୍ଥିତିରେ ପିସିସି ସଭାପତି ନିଜେ ଠିଆ ନ ହେଲେ କିଏ ଟିକେଟ ପାଇବ ସେ ନେଇ ଚର୍ଚ୍ଚା ଏବେ ଜୋର ଧରିଛି। ସୁକିନ୍ଦା ନିର୍ବାଚନ ମଣ୍ଡଳିରେ ଗତ ନିର୍ବାଚନରେ କଡ଼ା ଟକ୍କର ହୋଇଥିଲା । ମାତ୍ର ୪୭୯୦ ଭୋଟ ବ୍ୟବଧାନରେ ପ୍ରୀତିରଞ୍ଜନ ଘଡେଇ କଂଗ୍ରେସର ଶରତ ରାଉତଙ୍କୁ ପରାଜିତ କରିଥିଲେ । ତେଣୁ ଏଥର ବି କଂଗ୍ରେସର ଶରତ ରାଉତ ପ୍ରାର୍ଥୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ପିସିସି ସଭାପତି ଯେଉଁ ନିଷ୍ପତ୍ତି ନେବେ ତଦନୁସାରେ ପ୍ରାର୍ଥୀ ଚୟନ ଚୂଡାନ୍ତ ହେବ । ଏଥିରେ କାହାରି ମତାନ୍ତର ରହିବ ନାହିଁ ।

# ଧାଡ଼ିରୁଆ ଧାନଚାଷ ପାଇଁ ପ୍ରୋତ୍ସାହନ

ରସୁଲପୁର,୨୨।୮(ଡିଏନଏ)

- ରସୁଲପୁର ବ୍ଲକରେ ୨୫୦ଏକର ଜମିରେ ହେଉଛି ଧାଡିରୁଆ ଧାନଚାଷ
- ୪ହଜାର କୁଇଣ୍ଟାଲ ଶସ୍ୟ ଅମଳ ଲକ୍ଷ୍ୟ



ଧାଡ଼ିରୁଆ ଧାନ ଚାଷକୁ କୃଷି ଅଧିକାରୀ ଅନୁଧ୍ୟାନ କରୁଛନ୍ତି।

ରସୁଲପୁର ବ୍ଲକ ଅନ୍ତର୍ଗତ ପହଁଗା ଓ ଲକ୍ଷ୍ମୀନଗର ପଞ୍ଚାୟତରେ ୨୫୦ଏକର ଜମିରେ ଧାଡ଼ିରୁଆ ଧାନଚାଷ ହେଉଛି। ଚଳିତବର୍ଷ ଏହି ଦୁଇ ପଞ୍ଚାୟତରେ ପରୀକ୍ଷାମୂଳକ ଭାବରେ ଏହି ପ୍ରଣାଳୀରେ ଧାନ ଚାଷ କରାଯାଉଛି। ଏ ବାବଦରେ ଚାଷୀମାନେ ଅନ୍ୟୁନ ୪ହଜାର କୁଇଣ୍ଟାଲ ଶସ୍ୟ ଉତ୍ପାଦନ କରିବେ ବୋଲି ଆକଳନ କରାଯାଉଛି। ଏହି ପ୍ରଣାଳୀରେ ଧାନ ଚାଷ କରୁଥିବା ଚାଷୀମାନଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଯାଉଛି। ଧାନ ତଳି ପକାଇବାଠାରୁ ଆରମ୍ଭ କରି ଚାଷର ବେଉଷଣ କାମ ପାଇଁ ମାଗଣାରେ ସାର, ଔଷଧ ଯୋଗାଇ ଦିଆଯାଉଛି ବୋଲି ରସୁଲପୁର ବ୍ଲକ ସହ କୃଷି ଅଧିକାରୀ ଭାଗ୍ୟଧର ସାହୁ ପ୍ରକାଶ କରିଛନ୍ତି।

ପୂର୍ବଭାରତରେ ସବୁଜ ବିପ୍ଳବ ସୃଷ୍ଟି କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ "ବିଜିଆରଇଆଇ" ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଜରିଆରେ ପହଁଗା ଓ ଲକ୍ଷ୍ମୀନଗର ପଞ୍ଚାୟତରେ ଯଥାକ୍ରମେ ୧୨୫ଏକର ଲେଖାଏ ଧାଡିରୁଆ ଧାନ ଚାଷ କରାଯାଇଛି। ଏହି ଚାଷକୁ ଚକୱାରୀ କରାଯାଉଛି। ଏହି ଯୋଜନାରେ ଲକ୍ଷ୍ମୀନଗର ପଞ୍ଚାୟତରୁ ୫୦ଜଣ ଓ ପହଁଗା ପଞ୍ଚାୟତରୁ ୧୦୦ଜଣ ଚାଷୀଙ୍କୁ ସାମିଲ କରାଯାଇଛି। ଏଥିସକାଶେ ଚାଷୀମାନଙ୍କୁ ମାଗଣାରେ ଏକର ପିଛା ୧୬ କେଜି ଧାନ ବିହନ ଯୋଗାଇ ଦିଆଯାଇଛି। ଧାନତଳି ପକାଇବା ସହ ତଳି ବିଶୋଧନ ପାଇଁ ଚାଷୀଙ୍କୁ ମାଗଣାରେ ଟାରଟ୍ରାପ ହାଇଡ୍ରୋକ୍ଲୋରାଇଡ ଔଷଧ ମିଳୁଛି। ଏହାଛଡ଼ା ଏକରପିଛା ୧୦କେଜି ଅଣୁସାର(ଜିପ୍ ସଲଫେଟ), ଧାନ କିଆରିରୁ ଘାସ ମାରିବା ପାଇଁ ୭୦୦ମି.ଲି. ଔଷଧ ପ୍ରିଟିଲା କ୍ଲୋର ବି ମାଗଣାରେ ମିଳୁଛି। ଏହାପରେ ବି ଚାଷର ବେଉଷଣ ଓ ରକ୍ଷଣାବେକ୍ଷଣ ପାଇଁ ଚାଷୀମାନଙ୍କୁ ୫୦୦ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ଏସବୁ ସତ୍ୱେ ଧାନଚାଷକୁ ବୀମା ପରିସରଭୁକ୍ତ କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ କିମ୍ବା ଧାନ କ୍ଷେତର କୌଣସି କ୍ଷତି ହେଲେ ଚାଷୀମାନଙ୍କୁ କ୍ଷତିପୂରଣ ଭରଣା କରାଯିବା ଭଳି ସୁବିଧାମାନ ଯୋଗାଇ ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଛି । କୃଷି ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚାଷ କରାଯାଉଛି। ବ୍ଲକ କୃଷି ସହଅଧିକାରୀ ସାହୁ, ଭିଏଡବ୍ଲ୍ୟୁମାନେ କ୍ଷେତ ପରିଦର୍ଶନ କରି ଚାଷୀମାନଙ୍କ ଚାଷ ପ୍ରଣାଳୀକୁ ଅନୁଧ୍ୟାନ କରୁଛନ୍ତି । ଆବଶ୍ୟକ ସ୍ଥଳରେ ଧାନ ତଳିକୁ ସିଧା ଧାଡ଼ିରେ ରୋଇବା ସହ ଧାନ ଗଛ ମଧ୍ୟରେ ଉଚିତ ବ୍ୟବଧାନ ରଖାଯିବା ନିୟମକୁ ଠିକ୍ ଭାବରେ ପାଳନ କରିବା ପାଇଁ ଚାଷୀଙ୍କୁ କୃଷି ଅଧିକାରୀମାନେ ପରାମର୍ଶ ଦେଇଛନ୍ତି। ଏଠାରେ ଧାଡିରୁଆ ଧାନ ଚାଷରେ ଚାଷୀମାନେ ସଫଳ ହେଲେ ପର୍ଯ୍ୟାୟକ୍ରମେ ଅନ୍ୟ ପଞ୍ଚାୟତର ଚାଷୀଙ୍କୁ ଏହି ସୁବିଧା ମିଳିବ। ଏହି ଦୁଇ ପଞ୍ଚାୟତରେ ଚାଷୀମାନେ ଦୀର୍ଘ ମିଆଦି ଧାନ ଚାଷ କରୁଛନ୍ତି। ଉକ୍ତ କାରଣରୁ ଏହି ଅଞ୍ଚଳର ଚାଷୀଙ୍କୁ ସୁବିଧା ଦିଆଯାଇଛି। ଅମଳ ଆଶାତୀତ ହେବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି।

## ଯାଜପୁର ଲୋକ ସଭା ଆସନ

# ଟିକେଟ ପାଇଁ ପ୍ରୟାସ ଆରମ୍ଭ

ଯାଜପୁର ଅଫିସ,୨୨।୮

୨୦୧୯ ନିର୍ବାଚନ ପାଇଁ ଏବେଠାରୁ ବିଭିନ୍ନ ଦଳରେ ବେଶ୍ ତତ୍ପରତା ଦେଖାଗଲାଣି। ରାଜ୍ୟରେ ଏଥର ବିଜେଡି ସମସ୍ତ ଲୋକ ସଭା ଆସନ ହାତେଇବାକୁ ଚେଷ୍ଟା କରୁଥିବାବେଳେ ଭାଜପା ଓ କଂଗ୍ରେସ ମଧ୍ୟ ଅଧିକରୁ ଅଧିକ ଲୋକ ସଭା ଆସନ ହାତେଇବାକୁ ରଣନୀତି ଆରମ୍ଭ କରିଛନ୍ତି। ୨୦୧୪ ନିର୍ବାଚନରେ ଯାଜପୁର ଜିଲାର ସମସ୍ତ ୭ଟି ବିଧାନ ସଭା ଓ ଲୋକ ସଭା ଆସନ ହାତେଇଥିବା ବିଜେଡି ଏଥର ମଧ୍ୟ ଏହାକୁ ଦୋହରାଇବାକୁ ଚେଷ୍ଟା କରୁଛି। ତେଣୁ ଏବେଠୁ ବିଜେଡି ନେତାମାନେ ଏକାଠି ହେଉଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ବୁଧବାର ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସଙ୍କୁ ପୂର୍ବତନ ଏମ୍‌ପି ମୋହନ ଜେନା ଭେଟି ଏକ ନୂତନ ସମୀକରଣ ସୃଷ୍ଟି କରିଛନ୍ତି। ବିଧାୟକ ଦାସଙ୍କ ସହିତ ଯାଜପୁର ଲୋକ ସଭା ଟିକେଟ ଉପରେ ଚର୍ଚ୍ଚା ହୋଇଥିବା ସୂଚନା ମିଳିଛି। ଆସନ୍ତା ସାଧାରଣ ନିର୍ବାଚନରେ ଯାଜପୁର ଆସନକୁ ହାତେଇବାକୁ ଜଣେ ତୁଙ୍ଗ ବିଜେଡି ନେତାଙ୍କୁ ଟିକେଟ ଦିଆଯିବ ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ସୁଯୋଗକୁ ବିଜେଡିର ପୂର୍ବତନ ଏମ୍‌ପି ଜେନା ହାତଛଡା କରିବାକୁ ଚାହୁଁ ନାହାନ୍ତି । ତେଣୁ ସବୁସ୍ତରରେ ଲବି କରି ଟିକେଟ ପାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଗତ ନିର୍ବାଚନରେ ବିଜେଡିରୁ ରୀତା ତରାଇ ୫,୪୨,୩୪୯ ଭୋଟ ପାଇଥିବାବେଳେ କଂଗ୍ରେସରୁ ଅଶୋକ ଦାସ ୨,୨୧,୦୭୮ ଭୋଟ ଓ ଭାଜପାର ଅମିୟ କୁମାର ମଲ୍ଲିକ ୧,୫୦,୭୮୯ ଭୋଟ ପାଇଥିଲେ। ଜିଲାରେ ଏବେ ବିଜେଡିର ସ୍ଥିତି ଅନ୍ୟ ଦଳ ଅପେକ୍ଷା ଭଲ ରହିଛି। ପ୍ରଣବଙ୍କ ସହ ସାକ୍ଷାତ ସମ୍ପର୍କରେ ପୂର୍ବତନ ଏମ୍‌ପି ଜେନାଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ପ୍ରଣବ ଏବଂ ତାଙ୍କ ପରିବାର ସହ ବହୁ ଦିନର ସମ୍ପର୍କ ରହିଛି। ଏହି ସାକ୍ଷାତ ସମ୍ପୂର୍ଣ୍ଣ ସୌଜନ୍ୟମୂଳକ ରହିଥିଲା। ତେବେ ଆଗାମୀ ନିର୍ବାଚନରେ ଟିକେଟ ମିଳିବା ସମ୍ପର୍କରେ ଦଳ ଯାହା ନିଷ୍ପତ୍ତି ନେବ ତାକୁ ଗ୍ରହଣ କରିବି। ଯାଜପୁର ଜିଲାର ନେତୃତ୍ୱ ନେବାକୁ ଏବେବି ପ୍ରସ୍ତୁତ ଅଛି ବୋଲି ଜେନା କହିଛନ୍ତି।

## ହାସ୍ୟ ଅଭିନେତା ଜୟୀରାମ ସାମଲ ଅସୁସ୍ଥ

କଟକ ଅଫିସ, ୨୨।୮– ହାସ୍ୟ ଅଭିନେତା ଜୟୀରାମ ସାମଲ ଅସୁସ୍ଥ। ହୃଦ୍ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବୁଧବାର ଭୁବନେଶ୍ୱରସ୍ଥିତ କିମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଅସ୍ତ୍ରୋପଚାର ପରେ ତାଙ୍କୁ ଆଇସିୟୁରେ ଅବଜରଭେଶନରେ ରଖାଯାଇଛି। କିଛିଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ଜୟୀରାମ ହୃଦ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ତେବେ ମଙ୍ଗଳବାର ରାତିରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ।

## ଜିଲା ସାମୟିକ କଳା,କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ବୈଠକ

ରସୁଲପୁର,୨୨।୮(ଡି.ଏନ୍.ଏ.)– ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ପର୍ବାହ୍ନରେ ଯାଜପୁର ଜିଲାସ୍ତରୀୟ ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସେପ୍ଟେମ୍ବର ୧ତାରିଖରେ ଜିଲାସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ଏକ ମାନପତ୍ର ଯାଜପୁର ଜିଲାପାଳଙ୍କ ଜରିଆରେ ପ୍ରଦାନ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସଂଘର ଡାକରା କ୍ରମେ ସେପ୍ଟେମ୍ବର ୬ତାରିଖରେ ଜିଲା ସଂଘ ଭୁବନେଶ୍ୱରର ଗାନ୍ଧୀମାର୍ଗଠାରେ ଅନୁଷ୍ଠିତ ହେବାକୁ ଥିବା ବିକ୍ଷୋଭରେ ସାମିଲ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଅଶୋକ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମୟିକ ଶିକ୍ଷକ ପଦବୀ ଉଚ୍ଛେଦ କରି କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ସ୍ଥାୟୀ ଭାବରେ ନିଯୁକ୍ତି ଦେବା ପାଇଁ ଦାବି କରାଯାଇଛି। ଏହି ବୈଠକରେ ବିଭିନ୍ନ ବ୍ଲକରୁ ମନୋରଞ୍ଜନ ଖୁଣ୍ଟିଆ, କମଳାକାନ୍ତ ଶତପଥୀ, ବିକ୍ରମ କୁମାର ସାମଲ, ବାସୁଦେବ ସାହୁ, ସମିତା ସେଠୀ, ମନୋରଞ୍ଜନ ସାମଲ, ସୁଦର୍ଶନ ପଣ୍ଡା, ମଧୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୁଇ ଚୋରି ଘଟଣାରେ ଲକ୍ଷାଧିକ ଲୁଟ

ବିଞ୍ଝାରପୁର/ସିଂହପୁର ,୨୨।୮(ଡି.ଏନ.ଏ)

ବିଞ୍ଝାରପୁର ଥାନା ଅନ୍ତର୍ଗତ ମାଁସଡା ।ମରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ଚୋରି ଘଟଣାରେ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ମାଁସଡା ସାନବଜାରରେ ରାଜେନ୍ଦ୍ର ରାଉତ ନାମକ ଜଣେ ବ୍ୟକ୍ତି ବିଭିନ୍ନ ତେଜରାତି ସାମଗ୍ରୀର ହୋଲସେଲିଂ କରୁଥିଲେ। ତେବେ ମଙ୍ଗଳବାର ରାତିରେ ଚୋରମାନେ ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ତେଜରାତି ସାମଗ୍ରୀ ଲୁଟ କରିନେଇଥିବା ଜଣାପଡିଛି। ସେହିପରି ସେହି ଗ୍ରାମର ସନ୍ତୋଷ ମିଶ୍ରଙ୍କ କମ୍ପ୍ୟୁଟର ଇନିଷ୍ଟିଚ୍ୟୁଟରୁ ଦୁର୍ବୃତ୍ତମାନେ ୩ଟି ସିପିୟୁ, ଗୋଟିଏ ଲାପଟପ୍ ଓ ନଗଦ ୨୧ଶହ ଟଙ୍କା ଲୁଟ କରିଥିବା ଜଣାପଡିଛି। ଖବରପାଇ ବିଞ୍ଝାରପୁର ଥାନାଧିକାରୀ ସୂଚିତ୍ରବୀର୍ଯ୍ୟ ଦାସ ଘଟଣା ସ୍ଥଳରେ ପହଞ୍ଚି ଚୋରିଘଟଣାର ତଦନ୍ତ କରିଥିଲେ। ପୋଲିସ ୨ଟି ପୃଥକ ମାମଲା (ନଂ.୧୯୪/୧୮ ଓ ୧୯୫/୧୮) ରୁଜୁ କରି ତଦନ୍ତ ଜାରି ରଖିଛି।

## ବାଜପେୟୀଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ସ୍ମୃତି ସଭା

ଚଣ୍ଡିଖୋଲ, ୨୨।୮(ଡ଼ି.ଏନ.ଏ)

ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣମଣ୍ଡପ ପରିସରରେ ବୁଧବାର ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବହୁ ପ୍ରତିଭାର ଅଧିକାରୀ, ରାଷ୍ଟ୍ରନାୟକ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଚାରଣ ପାଇଁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବାଜପେୟୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅଟଳ ବିହାରୀ ବାଜପେୟୀ ଶ୍ରଦ୍ଧାଞ୍ଜଳି ସମିତି ଆନୁକୂଲ୍ୟରେ ବିଶିଷ୍ଟ ଶିକ୍ଷାବିତ ବିନାୟକ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତି ଚାରଣ ସଭାରେ ସରକାରୀ ମୁଖ୍ୟସଚେତକ ତଥା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବାଜପେୟୀଜି କେବଳ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ବା ଜଣେ ବାଗ୍ମୀ ଭାବେ ସୀମିତ ନୁହଁନ୍ତି ସେ ବିଶ୍ୱରେ ଜଣେ ରାଷ୍ଟ୍ରନାୟକ ଭାବେ ପରିଚିତ ବୋଲି ମତ ଦେଇଥିଲେ। ଏଥିରେ ପୂବତନ ଏମ୍‌ପି ମୋହନ ଯେନା, ବଡ଼ଚଣାର ଭାଜପା ନେତ୍ରୀ ସୀମନ୍ତିନୀ ଜେନା , ଭାଜପା ପଛୁଆ ବର୍ଗ ମୋର୍ଚ୍ଚାର ରାଜ୍ୟଉପସଭାପତି ଆଶୁତୋଷ ପରିଡ଼ା, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ପୂର୍ବତନ କଲେଜ ଅଧ୍ୟକ୍ଷ ଧନେଶ୍ୱର ସାମଲ, ବଡ଼ଚଣା ମହୋତ୍ସବ ସମିତିର ସଭାନେତ୍ରୀ ମନୋରମା ଆଚାର୍ଯ୍ୟ, ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ ସଭାପତି ପ୍ରଦୀପ୍ତ କୁମାର ପରିଡ଼ା, ଚଣ୍ଡିଖୋଲ ବଣିକ ସଂଘ ସଭାପତି କ୍ଷିରୋଦ ଚନ୍ଦ୍ର ମାହାଲା, ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଂଘ ସଭାପତି ମହେଶ୍ୱର ବଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ଉଦୟନାଥ ସାହୁ, ଆଇନଜୀବୀ ଦେବରାଜ ବେହେରା, ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ବେଣୁଧର ପଣ୍ଡା, ସୁଙ୍ଗୁଡ଼ା ସରପଞ୍ଚ ଚାଟାଲିନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ।

# ଇଚ୍ଛାଶକ୍ତି ଆଗରେ ହାର ମାନିଛି ବୟସ

ବିଞ୍ଝାରପୁର, ୨୨।୮(ଡି.ଏନ.ଏ)

### ନିଆରା ମଣିଷ ଗରିବ ପଣ୍ଡା



ବିଞ୍ଝାରପୁର ବ୍ଲକ ମାଁସଡା ଗ୍ରାମର ଗରିବ ପଣ୍ଡା। ସ୍ଥାନୀୟ ଅଞ୍ଚଳରେ ତାଙ୍କୁ କିଏ ବା ନ ଜାଣେ। ଓଳାଭର,ରାଜକନିକା, ସିଂହପୁର, ବାଲମୁକୁଳି ଅଞ୍ଚଳରେ ଗରିବ ପଣ୍ଡା ବେଶ ପରିଚିତ। ସେ ସାଧାରଣରେ ଗରିବ ପଣ୍ଡା ଭାବେ ପରିଚିତ ହୋଇଥିଲେ ହେଁ ପ୍ରକୃତରେ ତାଙ୍କ ନାମ ନୃସିଂହ ଚରଣ ପଣ୍ଡା। ପଣ୍ଡା ୭୦ବର୍ଷ ଧରି ବିଞ୍ଝାରପୁର ଅଞ୍ଚଳର ବାଲମୁକୁଳି, ସିଂହପୁର, ଆଳି ବ୍ଲକର କଣ୍ଡିଆ, ରାଜକନିକା ଅଞ୍ଚଳର ଓଳାଭରରେ ସେ ବହି ଖାତା ଓ ମନୋହରୀ ସାମଗ୍ରୀ ବିକ୍ରୟ କରି ଘରେ ଘରେ ପରିଚିତ। ଏବେ ୮୫ ବର୍ଷ ବୟସରେ ମଧ ପୂର୍ବଭଳି ତାଙ୍କର ଏହି ଅଭିଯାନ ଜାରି ରଖିଛନ୍ତି। ରାଜକନିକା, ଓଳାଭର, ସିଂହପୁର ଓ କଣ୍ଡିଆକୁ ଗାଡି ମୋଟର ନ ଥିବା ବେଳେ ସେ ମନୋହରୀ ସାମଗ୍ରୀ ଓ ବହି ଖାତା ଆଦି ଡଙ୍ଗାରେ ପଠାଉଥିଲେ ବୋଲି କୁହନ୍ତି ଗରିବ ପଣ୍ଡା । କାଳକ୍ରମେ ବଳଦଗାଡିରେ ତାଙ୍କ ସାମଗ୍ରୀ ନେବା ଆଣିବା କରୁଥିବାବେଳେ ଏବେ ୪ ଚକିଆ ଯାନରେ ବିଭିନ୍ନ ସାମଗ୍ରୀ ନେବା ଆଣିବା କରୁଛନ୍ତି। ପିଲା ଦିନେ ଷଷ୍ଠ ଶ୍ରେଣୀରେ ପାଠ ପଢିବା ପାଇଁ ଅର୍ଥ ଅଭାବରୁ ସେ ବିଭିନ୍ନ ହାଟରେ ପିଜୁଳି, କମଳା, ସପୁରୀ, ଲେମ୍ବୁ ଆଦି ବିକ୍ରୟ କରି ପାଠ ପଢା ଖର୍ଚ୍ଚ ତୁଲାଇଥିଲେ। ତେବେ ଏକାଦଶ ଶ୍ରେଣୀରେ ପାଠ ପଢା ବନ୍ଦ କରି ଗ୍ରାମର ସ୍ୱର୍ଗତ ମଧୁସୁଦନ ଦାସଙ୍କ ପରାମର୍ଶ କ୍ରମେ ସେ ପ୍ରଥମେ ପୋଷ୍ଟାଲରେ କାର୍ଯ୍ୟ କରିଥିଲେ। ହେଲେ ପୋଷ୍ଟାଲ କାର୍ଯ୍ୟରେ ମନ ନ ଲାଗିବାରୁ ସେ ମାଁସଡା ଛକରେ ଶ୍ୟାମସୁନ୍ଦର ମିଶ୍ରଙ୍କ ସହୟତାରେ ବହି ଖାତା ଓ ମନୋହରୀ ସାମଗ୍ରୀ ବିକ୍ରୟ କରିଥିଲେ। ୬୦ଦଶକରେ ବିଞ୍ଝାରପୁର ଭଳି ଗ୍ରାମାଞ୍ଚଳରେ ବହି ଖାତା ଓ ଅନ୍ୟାନ୍ୟ ସାମଗ୍ରୀ ମିଳୁ ନ ଥିବାବେଳେ ପଣ୍ଡା କଟକ ଓ କଲିକତାରୁ ବହି ଖାତା ଓ ମନୋହରି ସାମଗ୍ରୀ ଆଣି ଏଠାରେ ବିକ୍ରୟ କରି ବେଶ ପରିଚିତ ହୋଇଥିଲେ। ଏବେବି ୮୫ ବର୍ଷ ବୟସରେ ବାଲମୁକୁଳି, କଣ୍ଡିଆ, ଓଳାଭର, ସିଂହପୁର ଆଦି ସାପ୍ତାହିକି ହାଟରେ ବହି ଖାତା ବ୍ୟବସାୟ ଜାରି ରଖିଛନ୍ତି। ବୟସର ସାୟହ୍ନରେ ପଣ୍ଡା ଥକି ଯିବା ପରିବର୍ତ୍ତେ ଯୁବକ ଭଳି କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଜୀବନ ଥିବା ପର୍ଯ୍ୟନ୍ତ ସେ ତାଙ୍କର କର୍ତ୍ତବ୍ୟ ଜାରି ରଖିବେ ବୋଲି କୁହନ୍ତି ପଣ୍ଡା। ତାଙ୍କ ଯୁବକ ସମୟରେ ଗ୍ରାମରେ ହେଉଥିବା ଡ୍ରାମା ଓ ନାଟ୍ୟ ମଞ୍ଚରେ ହାସ୍ୟରସ ଭୂମିକା କରି ବେଶ ପ୍ରଶଂସା ଗୋଟାଇଛନ୍ତି। ସେହିପରି ଭାରତର ସ୍ୱାଧୀନତା ପାଇଥିବା ୧୯୪୭ ଅଗଷ୍ଟ ୧୫ ତାରିଖ ଦିନକୁ ସେ ମନଭରି ଉପଭୋଗ କରିଥିବା କୁହନ୍ତି ପଣ୍ଡା।



ଯେ ଅନ୍ୟର ସାହାଯ୍ୟ ନ ଲୋଡ଼ି ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ।
- ଟାସିଟସ୍



## ସଂକ୍ଷେପରେ

### ଇଦ୍ ଉଜ୍ ଜୁହା ପାଳିତ

ଧର୍ମଶାଳା, ୨୨।୮(ଡି.ଏନ୍.ଏ.): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ବ୍ରହ୍ମବରଦା, ଚୋରମୁହାଁ ଇଦ୍‌ଘା ପଡିଆ, ଧର୍ମଶାଳା ବଜାର, ଚହଟା, ମଙ୍ଗଳପୁର, ମଣିନାଥପୁର, ପଣ୍ଡୁଆ, କାଏମା ଓ ନେଉଳପୁର ଆଦି ସ୍ଥାନଗୁଡିକରେ ରହିଥିବା ଇଦ୍‌ଘା ଓ ମସଜିଦ୍‌ଗୁଡିକର ଇସଲାମ ଧର୍ମାବଲମ୍ବୀମାନଙ୍କ ପକ୍ଷରୁ ସମୂହ ନମାଜ ପାଠ କରାଯାଇଛି। ପରେ ଇସଲାମ ଧର୍ମାବଲମ୍ବୀମାନେ ପରସ୍ପରକୁ ଇଦ୍ ମୁବାରକ୍ ଜଣାଇଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନେଉଳପୁର ଓ ଚୋରମୁହାଁ ବଜାରକୁ ଯାଇ ମୁସଲମାନ ଭାଇମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଧର୍ମଶାଳା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ନେଇ ଥାନା ଅଧିକାରୀ ଉମାକାନ୍ତ ନାୟକ କହିଛନ୍ତି।

**ବାଲିଚନ୍ଦ୍ରପୁର (ସ୍ୱ.ପ୍ର):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତସ୍ଥିତ ଇଦ୍‌ଗାହ ପଡ଼ିଆରେ ବୁଧବାର ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ଚାରିନଙ୍ଗଳ, ନଳୀପୁର, ପତରାଜପୁର, କଟିକଟା, ଝରକୂଳ ଆଦି ବିଭିନ୍ନ ସ୍ଥାନରୁ ତିନି ହଜାରରୁ ଉର୍ଦ୍ଧ୍ୱ ମୁସଲିମ୍ ଧର୍ମାବଲମ୍ବୀମାନେ ଇଦ୍‌ଗାହ ପଡିଆରେ ଏକତ୍ରିତ ହୋଇ ନମାଜ ପାଠ କରିଛନ୍ତି। ମୌଲାନା ଫକିରୁଦ୍ଦିନ୍ ହାସୀମ କାସମୀ ସକାଳ ୮ ଟା ୩୦ରେ ସମସ୍ତଙ୍କୁ ସମବେତ ନମାଜ ପାଠ କରାଇଥିଲେ। ପରେ ମୁସଲମାନଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ୍ ଜଣାଇଥିଲେ। କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ ସାମଲ, ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ବିଜୁ ଜନତା ଦଳର ବ୍ଲକ ଲିଗାଲ ସେଲ ଅଧକ୍ଷ ତଥା ପୂର୍ବତନ ସରପଞ୍ଚ ମନମଥ କେଶରୀ ସାହେବରାୟ ଓ ସମାଜସେବୀ ବସନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ଇଦ୍ ମୁବାରକ ଜଣାଇଥିଲେ। ପରିଚାଳନାରେ ଇଦ୍‌ଗାହ କମିଟି ସଦସ୍ୟ ସମ୍ପାଦକ ସେକ୍ ଅବଦୁଲ ହାଇ, ସେକ୍ ରିୟାସତ ଅଲ୍ଲୀ, ସେକ୍ ଗୟାସୁଦ୍ଦିନ ପ୍ରମୁଖ ସହଯୋଗ କରିଥିଲେ। ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ମୁତୟନ କରାଯାଇଥିବା ପୋଲିସଙ୍କୁ ମଧ ମୌଲାନା ସାଧୁବାଦ ଜଣାଇଛନ୍ତି।

■ ହୋଇପାରୁନି ସଂରକ୍ଷିତ ଜଙ୍ଗଲ ଘୋଷଣା

# କଟୁଛି ଜଙ୍ଗଲ, ବଢୁଛି ଜନ୍ତୁ ଶିକାର

■ ସଂରକ୍ଷିତ ଜଙ୍ଗଲ କରାଯିବା ନେଇ ୧୯୫୬ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା
■ ଜିଲାପାଳଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶକୁ ଅପେକ୍ଷା
■ ପଲ୍ଲିସଭା ମାଧ୍ୟମରେ ନିଆଯିବ ନିଷ୍ପତ୍ତି

**ସୁକିନ୍ଦା, ୨୨।୮(ଡି.ଏନ୍.ଏ.)**

ବନ ବିଭାଗ ପକ୍ଷରୁ ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ନିମନ୍ତେ ଆଇନ ମଧ୍ୟ କଡାକଡି କରାଯାଉଛି। ସୁକିନ୍ଦା ତହସିଲ ଅନ୍ତର୍ଗତ ବନାଞ୍ଚଳଗୁଡିକରେ ଅନେକ ପାହାଡ ତଥା ଘଞ୍ଚ ଜଙ୍ଗଲ ରହିଛି। ରାଜ୍ୟ ସରକାରଙ୍କ ତରଫରୁ ୧୯୫୬ ମସିହାରେ ସମଗ୍ର ଜଙ୍ଗଲକୁ ସଂରକ୍ଷିତ ଜଙ୍ଗଲରେ ପରିଣତ କରିବା ନିମନ୍ତେ ୬୮୯୮/୨୩।୧।୫୬ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି। ଅପରପଟେ ଅଣସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ଅଞ୍ଚଳରେ ଅବାଧ ଗଛକଟା ସାଙ୍ଗକୁ ଜଙ୍ଗଲୀ ଜନ୍ତୁ ଶିକାର ବଢ଼ିବାରେ ଲାଗିଛି। ଯାହାକୁ ନେଇ କେତେକ ପରିବେଶବିତ୍ ଓ ପଶୁପ୍ରେମୀ ଚିନ୍ତାପ୍ରକଟ କରିଛନ୍ତି। ଏ ନେଇ ସହକାରୀ ବନ ସଂରକ୍ଷକ ସୌଭାଗ୍ୟ କୁମାର ସାହୁଙ୍କୁ ପଚାରିବାରୁ ସଂରକ୍ଷିତ ଜଙ୍ଗଲ ନେଇ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ଆସି ନାହିଁ। ନିର୍ଦ୍ଦେଶ ଆସିବାପରେ ଜନଶୁଣାଣି କରାଯିବ ତାପରେ ସଂରକ୍ଷିତ ଜଙ୍ଗଲ ଘୋଷଣା କରାଯିବା ନିୟମ ରହିଛି। ସେହିପରି ବଇରିମାଳ ମୌଜାର ୫୩ ହେକ୍ଟର ଜଙ୍ଗଲକୁ ସଂରକ୍ଷିତ ଜଙ୍ଗଲ କରାଯିବା ନିମନ୍ତେ ନିଜେ ସହକାରୀ ବନ ସଂରକ୍ଷକଙ୍କ ପ୍ରସ୍ତାବ ମଧ୍ୟ କାର୍ଯ୍ୟକାରୀ ହୋଇ ପାରି ନ ଥିବା ସେ କହିଛନ୍ତି।

ଶିଳ୍ପ ତଥା ଖଣି ଖାଦାନଭରା ସୁକିନ୍ଦା ଅଞ୍ଚଳର ମହାଗିରି, ଦୈତାରି, ସୁନାଝରି, ବିଛାକାଟିଆ ଭଳି ବିଶାଳ ପାହାଡ ରହିଛି। ଦ୍ରୁତ ଶିଳ୍ପାୟନ ପରେ ବି ଦୈତାରି, ମହାଗିରି, ଟମକା, ବାରବାଟୀ (କ), ବାରବାଟୀ(ଖ), ପୁବଳ, ସୁନାଝରରେ ଯଥାକ୍ରମେ ୯୨୪୪.୪୯, ୧୨୧୭୦.୭୯, ୧୨୮୮.୩୩, ୧୯୨.୭୫, ୩୮.୫୬, ୧୩୩.୪୦ ଏବଂ ୪୦୩.୫୦ ହେକ୍ଟର ଜଙ୍ଗଲ ପରିପୂର୍ଣ୍ଣ ରହିଛି। ଏହି ଜଙ୍ଗଲଗୁଡ଼ିକୁ ସଂରକ୍ଷିତ ଜଙ୍ଗଲ କରାଯିବା ନିମନ୍ତେ ସରକାରଙ୍କ ତରଫରୁ ୧୯୫୬ ମସିହାରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ। ଅନ୍ୟପକ୍ଷରେ ଅଣସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ଜଙ୍ଗଲ ଆଇନ ୧୯୨୭, ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ଠାରୁ ଆରମ୍ଭ କରି ଜଙ୍ଗଲଜାତ ଦ୍ରବ୍ୟ ସମ୍ପର୍କିତ ଆଇନ କଡ଼ାକଡ଼ି ରହିଥିଲେ ମଧ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ସହ ଜଙ୍ଗଲଜାତ ଦ୍ରବ୍ୟଗୁଡିକର ବ୍ୟାପକ ଚୋରା କାରବାର ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲା ରେବଣା, ଢେଙ୍କାନାଳ ଜିଲାର ବାଲିବୋ ଏବଂ ରଙ୍ଗାଗଡ ଅଞ୍ଚଳର ଜଙ୍ଗଲ ସଂରକ୍ଷିତ ଜଙ୍ଗଲ ଘୋଷିତ ହୋଇଥିବାବେଳେ ସୁକିନ୍ଦାରେ ଢେର ଅଧିକ ଘଞ୍ଚ ଜଙ୍ଗଲ ଥାଇ ମଧ ସଂରକ୍ଷିତ ଜଙ୍ଗଲ ଘୋଷଣା କରା ନ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବୃକ୍ଷରୋପଣ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ସରକାରଙ୍କ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଥିବା ବେଳେ ସୁକିନ୍ଦାରେ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ରହିଥିଲେ ମଧ ସଂରକ୍ଷିତ ଜଙ୍ଗଲ ମାନ୍ୟତା ନ ପାଇବା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି।

## ଟମକା-ମଙ୍ଗଳପୁର ରାସ୍ତା ମରାମତି କଲେ ବିଜିଆର କର୍ମଚାରୀ



ଟମକା-ମଙ୍ଗଳପୁର ରାସ୍ତାକୁ ବିଜିଆର କର୍ମଚାରୀମାନେ ମରାମତି କରୁଛନ୍ତି।

**କାଳିଆପାଣି, ୨୨।୮(ଡି.ଏନ୍.ଏ.)**

ସୁକିନ୍ଦା ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ଟମକା-ମଙ୍ଗଳପୁର ରାସ୍ତାକୁ ବୁଧବାର ଓଡିଶା ଖଣି ନିଗମ କାଳିଆପାଣି ଖଣି ଠିକାଦାର ସଂସ୍ଥା ବିଜିଆର କର୍ମଚାରୀଙ୍କ ପକ୍ଷରୁ ରାସ୍ତା ମରାମତି କରାଯାଇଛି। କର୍ମଚାରୀଙ୍କ ପକ୍ଷରୁ ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଗାତରେ ମାଙ୍କଡା ପଥର ଓ ମୋରମ ପକାଇ ମରାମତି କରାଯାଇଛି। ବିଜିଆର କର୍ମଚାରୀଙ୍କ ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଂଶସା କରାଯାଇଛି। ମଙ୍ଗଳବାର ବିଜିଆର କମ୍ପାନୀରୁ କାମ ସାରି ବାମ୍ପିଲୋ ଗ୍ରାମର ବିଜୟ ପରିଡ଼ା ଘରକୁ ଫେରୁଥିଲେ। ଏହି ସମୟରେ କୁସୁମଡ଼ିଆଠାରେ ରାସ୍ତାରେ ଥିବା ଏକ ଗାତରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଏହାକୁ ନେଇ ପରେ ସ୍ଥାନୀୟ ଅଞ୍ଚଳର କାର୍ଯ୍ୟକରୁଥିବା ବିଜିଆର କର୍ମଚାରୀ ମିଳିତ ହୋଇ ଘଟଣସ୍ଥଳରେ ପହଞ୍ଚି ରାସ୍ତା ମରାମତି କରିଛନ୍ତି। ନିକଟରେ ସୁକିନ୍ଦା ପ୍ରେସ୍‌କ୍ଲବ ପକ୍ଷରୁ ମଧ ଏହି ରାସ୍ତାର ମରାମତି କରାଯାଇଥିଲା। ହେଲେ ବର୍ଷା ଯୋଗୁ ରାସ୍ତାରେ ପୁଣି ଗାତ ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନ କଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବା ସହ ଖଣି ଅଞ୍ଚଳରୁ ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିଦେବା ନେଇ ଚେତାବନୀ ଦେଇଛନ୍ତି।

## ଭୁଶୁଡ଼ିଲା ବାଲିଆପାଳ ଜଳସେଚନ ପ୍ରକଳ୍ପ ପଥର ପ୍ୟାକିଂ

**ଢୁଙ୍କୁରୀ, ୨୨।୮(ଡି.ଏନ୍.ଏ.)**



ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ବାଲିଆପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପଥର ପ୍ୟାକିଂ ବୁଧବାର ମଧ୍ୟାହ୍ନରେ ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି । ନିମ୍ନମାନର ମରାମତି ଯୋଗୁ ଏପରି ଅବସ୍ଥା ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହି ପ୍ରକଳ୍ପର ପଙ୍କୋଦ୍ଧାର ଓ ପଥର ପ୍ୟାକିଂ କାମ ପାଇଁ ବିଭାଗ ପକ୍ଷରୁ ପ୍ରାୟ ୩୬ ଲକ୍ଷ ଟଙ୍କା ମଞ୍ଜୁର ଅଟକଳରେ କାମ କରାଯାଇଥିଲା । ଜୁଲାଇରେ ଏହାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପ୍ରକଳ୍ପରୁ ପ୍ରାୟ ୩ଶହ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯାଇଥାନ୍ତା। ହେଲେ ଠିକାଦାର ଯେନତେନ ପ୍ରକାର କାର୍ଯ୍ୟକରି ତରବରିଆ ଭାବେ କାମ ଶେଷ କରିଦେଇଥିବାରୁ ଏପରି ହୋଇଥିବା ନେଇ ବାଲିଆପାଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଜେଇଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଦୁଇ ମୋବାଇଲ ଦୋକାନରୁ ଚୋରି

**ଢୁଙ୍କୁରୀ, ୨୨।୮(ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ଅନ୍ତର୍ଗତ ଢୁଙ୍କୁରୀ ଛକ ନିକଟ ହାଇବ୍ରୁ ମାର୍କେଟ କମ୍ପ୍ଲେକ୍ସରେ ମଙ୍ଗଳବାର ରାତିରେ ୨ଟି ମୋବାଇଲ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ହାଇବ୍ରୁ ମାର୍କେଟ କମ୍ପ୍ଲେକ୍ସରେ ଥିବା ଚିକି ମୋବାଇଲ ଓ ଆକାଶ ମୋବାଇଲ ଦୋକାନର ତାଲା ଭାଙ୍ଗି ନୂଆ ଓ ପୁରୁଣା ମୋବାଇଲ, ବ୍ୟାଟେରି, କମ୍ପ୍ୟୁଟର ସାମଗ୍ରୀ ସମେତ ୮ ଟି ଦାମୀ ମୋବାଇଲ ଏବଂ ଆକାଶଙ୍କ ଦୋକାନରେ ଥିବା ୮ ହଜାର ଟଙ୍କା ମଧ ନେଇଯାଇଛନ୍ତି। ଏ ନେଇ ଦୋକାନୀ ମାଲିକ ଅବିନାଶ ମହାନ୍ତ ଓ ପୁରୁଷୋତମ ମହାନ୍ତ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

## ସମବାୟ ଆପଣଙ୍କ ଦ୍ୱାରରେ କାର୍ଯ୍ୟକ୍ରମ

**କୋରେଇ,୨୨।୮(ସ୍ୱ.ପ୍ର)**

ରାଜ୍ୟ ସମବାୟ ବିଭାଗ ପକ୍ଷରୁ କୃଷକଙ୍କୁ ସଚେତନ ନିମନ୍ତେ ଦୀର୍ଘ ୨ମାସ ଧରି ଚାଲିଥିବା ସମବାୟ ଆପଣଙ୍କ ଦ୍ୱାରରେ କାର୍ଯ୍ୟକ୍ରମ ବୁଧବାର ମଧ୍ୟାହ୍ନରେ କୋରେଇ ବ୍ଲକ ଅନ୍ତର୍ଗତ ପଚ୍ଛିକୋଟ କୃଷି ସମବାୟ ସମିତିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମବାୟ ସମିତି ସଭାପତି ରାଜେନ୍ଦ୍ର କୁମାର ରାଉତରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହାକୁ ସମିତି ସମ୍ପାଦକ ବିଜୟ କୁମାର ପଲାର ପରିଚାଳନା କରି ଆମ ରାଜ୍ୟର କୃଷି ଓ କୃଷକଙ୍କ ନିମନ୍ତେ ସରକାର ଯୋଗାଇ ଦେଉଥିବା ବିଭିନ୍ନ ସୁବିଧା ଫସଲ ଋଣ ଉପରେ ୧ପ୍ରତିଶତ ସୁଧ, ପ୍ରତ୍ୟେକ ଚାଷୀଙ୍କ ପାଇ କୃଷି ବୀମା, ଯୁଗ୍ମଦେୟ ଗୋଷ୍ଠୀ ମାଧ୍ୟମରେ ଫସଲ ଋଣ ଯୋଗାଣ, ମିଆଦି ଋଣ ଅଂଶଧନରେ ବ୍ୟାପକ ରିହାତି ପ୍ରଦାନ ଆଦି ମଣ୍ଡିସ୍ତରରେ ଇ-ନିଲାମ ବ୍ୟବସ୍ଥା ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଚାଷୀ ସୁକଦେବ ତ୍ରିପାଠୀ, ବେଣୁଧର ବାରିକ ପ୍ରମୁଖ ଚାଷୀଙ୍କୁ କିଟବ୍ୟାଗ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତି ଉପସଭାପତି ଉଷାମଣି ସ୍ୱାଇଁ, ନିର୍ଦ୍ଦେଶକ ମଳୟ କୁମାର ମଲ୍ଲିକ, ଗଣେଶ୍ୱର ଦାସ, ଅଜୟ କୁମାର ସ୍ୱାଇଁ, ଚୈତନ୍ୟଚରଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ମୋନଲିସା ମଲ୍ଲିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ନୋଡାଲ ହାଇସ୍କୁଲରୁ ଚୋରି ଘଟଣା : ୫ ଅଟକ

**ଚଣ୍ଡିଖୋଲ/ଛତିଆ, ୨୨।୮(ଡି.ଏନ୍.ଏ.)**

ବୈରୀ ଥାନା ଅନ୍ତର୍ଗତ ବନ୍ତଳା ଜନତା ନୋଡାଲ୍ ହାଇସ୍କୁଲରୁ ଚୋରି ଘଟଣାରେ ବୁଧବାର ପୋଲିସ ୫ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ଗତ ୧୮ ତାରିଖ ରାତିରେ ସ୍କୁଲରୁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବୈରୀ ଥାନା ଅଧିକାରୀ ନିରନ ଶବର ବନ୍ତଳା ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରିଥିଲେ। ଯୁବକଙ୍କ ବୟାନ ଆଧାରରେ ଅନ୍ୟମାନଙ୍କୁ ଅଟକ ରଖାଯାଇଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନାଧିକାରୀ କହିଛନ୍ତି।

---

## ଓଡ଼ିଶା ସରକାର

904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

File No. 23/2017 Dated...........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବୁଢ଼ାବଣ, ଥାନା-ପାଟଣା ନଂ-୨୦୭, ତହସିଲ-ସାହାରପଡ଼ା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧– ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ--ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨– ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩– କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪– ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫– ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ-ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬– ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISTION OF LAND**

ମୌଜା-ବୁଢାବଣ, ଥାନା-ପାଟଣା, ନମ୍ବର-୨୦୭, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୭୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୭୧ | ୦.୧୬ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୬୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଳ ପାତ୍ର, ଜା: ପାଣ, ବା: ସଙ୍ଖୁଆ | |
| | | ୫୧୮/୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଲା ଏକ | କଣ୍ଡ ପାତ୍ର, ପି–ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୬୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୬୩୫/୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୬୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୬୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣୁ କୋହ୍ଲ, ପି: ତୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଧୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ଲି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶ୍ୱନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୭୧ | ୦.୭୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଳି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦ୍ମ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୭୬ | ୦.୮୬ | ୦.୨୪ | ବିଆଳି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି– କାନ୍ଦ୍ରା ମାଝୀ, ଜା– ସାନ୍ତାଳ, ବା– ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି– ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି– ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା– ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି– ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା– ସୀତାରାମ ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି– ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି– ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି– ବିଶ୍ୱମ୍ବର ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି– କୃପାସିନ୍ଧୁ ଦଣ୍ଡପାଟ, ଜା– ସାଉନ୍ତି, ବା– ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି– ଗୁରୁ ଚରଣ ବରଡୁହା, ଜା– ସାଉଁନ୍ତି, ବା– ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଚା କୋହ୍ଲ, ପି– ଜେନା କୋହ୍ଲ, ଜା– କୋହ୍ଲ, ବା– ନିଜଗାଁ | |
| ୨୮. | ୯୨ | ୩୦୯/୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି– କର୍ମୁ ମହାନ୍ତ, ଜା– କୁଡୁମି, ବା– ମଣ୍ଡୁଆ, ଜି– ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି– ବୁଧିଆ ବରଡୁହା, ଜା– ସାଉଁନ୍ତି, ବା– ନିଜଗାଁ | |
| ୩୦. | ୧୦୨ | ୬୨୬/୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି– ଭଗବାନ ନାଏକ, ଜା– ବାଥୁଡି, ବା– ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି– ରେଙ୍ଗୁ ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି– ଘାସିଆ ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୩୩. | ୧୨୪/୧୬ | ୫୧୮/୯୨୩ | ୦.୭୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି– ବିଶ୍ୱନୁ ପାତ୍ର, ଜା– ପାଣ, ବା– ସଙ୍ଖୁଆ | |
| ୩୪. | ୧୨୪/୨୨ | ୩୨୪/୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି– ମରା କୋହ୍ଲ, ଜା– କୋହ୍ଲ, ବା– ନିଜଗାଁ | |
| ୩୫. | ୧୨୪/୧୯ | ୮୦୯/୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି– ବିଶମ୍ବର ମହାନ୍ତ, ଜା– କୁଡୁମି, ବା– ନିଜଗାଁ | |
| ୩୬. | ୧୨୪/୧୦ | ୫୧୮/୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି– ବିଶ୍ୱନୁ ପାତ୍ର, ଜା– ପାଣ, ବା– ନିଜଗାଁ | |
| ୩୭. | ୧୨୪/୨୧ | ୫୧୮/୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି– ଦାରୋଗା ପାତ୍ର, ଜା– ପାଣ, ବା– ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819



ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେପଦ କଥା ଖର୍ଚ୍ଚ ହୁଏ, କିନ୍ତୁ
ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା
- ଜନ୍ ଟିଲ୍‌ସନ୍



# ଭେଣ୍ଡିଆ ପୁଅକୁ ହରାଇ ଦୁଃଖରେ ପରିବାର

ନୟାଗଡ଼ ଅଫିସ/ନୂଆଗାଁ (ଡି.ଏନ୍.ଏ.),୨୨।୮

ଯବାନ ସାଜି ଦେଶକୁ ରକ୍ଷା କରିବା ପାଇଁ ନିଜକୁ ପ୍ରସ୍ତୁତ କରି ଘରୁ ବାହାରିଥିଲେ। ହେଲେ ଦୌଡ ପ୍ରତିଯୋଗିତା ବେଳେ ଜୀବନ ହାରିଛନ୍ତି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡା ଗ୍ରାମର ପ୍ରବାସୀ ନାୟକ (୨୨)। ପଞ୍ଚମ ଭାରତୀୟ ରିଜର୍ଭ ବାଟାଲିୟନ (ଆଇଆର୍‌ବି)ରେ ନିଯୁକ୍ତି ପାଇଁ ମଙ୍ଗଳବାର ଏହି ପ୍ରତିଯୋଗିତା ହେଉଥିବାବେଳେ ପ୍ରବାସୀଙ୍କ ଜୀବନଦୀପ ଲିଭିଯାଇଛି। ଏହି ଖବର ପାଇବା ପରେ ତାଙ୍କ ପରିବାର ଦୁଃଖରେ ଭାଙ୍ଗିପଡିଛନ୍ତି। ଯେଉଁ ପୁଅ ପରିବାର ପାଇଁ ସାହା ହୋଇଥାନ୍ତା ସେ ଆଜି ଆରପାରିକୁ ଚାଲିଯାଇଥିବା କଥାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପରିବାର ଲୋକେ।

ସୋରଡ଼ା ଗ୍ରାମର କୃପାସିନ୍ଧୁ ନାୟକଙ୍କ ସାନ ପୁଅ ହେଉଛନ୍ତି ପ୍ରବାସୀ। କୃପାସିନ୍ଧୁଙ୍କ ପରିବାର ଅତି ଗରିବ ଓ ଭୂମିହୀନ। କୃପାସିନ୍ଧୁ ପାରାଲିସିସ୍‌ରେ ଘରେ ପଡ଼ିରହିଛନ୍ତି। ସ୍ତ୍ରୀ ସହ ବଡ଼ପୁଅ ପ୍ରସନ୍ନ, ବୋହୂ ଓ ନାତିଙ୍କୁ ନେଇ ତାଙ୍କ ପରିବାର। ପ୍ରସନ୍ନ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ଦୟନୀୟ ଅବସ୍ଥାରେ ଚଳୁଥିବା ସତ୍ତ୍ୱେ ପରିବାର ଲୋକେ ସାନପୁଅ ପ୍ରବାସୀ ଭଲପଢି ଚାକିରି କରିବାର ସ୍ୱପ୍ନ ଦେଖିଥିଲେ। ସେଥିପାଇଁ ସେମାନେ ସବୁ ସୁଖକୁ ଜଳାଞ୍ଜଳି ଦେଇ ତା' ପଢା ପ୍ରତି ଧ୍ୟାନ ଦେଉଥିଲେ। ଏହି ଅସୁବିଧାକୁ ହୃଦୟଙ୍ଗମ କରି ପ୍ରବାସୀ ମଧ୍ୟ ପଢାରେ ମନୋନିବେଶ କରୁଥିଲେ। ସେଥିପାଇଁ ଦଶମଠାରୁ ସ୍ନାତକ ପର୍ଯ୍ୟନ୍ତ ସବୁଥିରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୧୭ରେ ସେ ନୟାଗଡ଼ କଲେଜରୁ କଳା ସ୍ନାତକରେ ଉତ୍ତୀର୍ଣ୍ଣ ହେବା ପରେ ଯବାନ ହୋଇ ଦେଶର ରକ୍ଷକ ସାଜିବା ସକାଶେ ନିଜକୁ ପ୍ରସ୍ତୁତ କରୁଥିଲେ। ଆଇଆର୍‌ବିରେ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିବା ପରେ ଅଗଷ୍ଟ ୧୩ତାରିଖ ଅପରାହ୍ନ ୪ଟାରେ ସେ ଘରୁ ବାହାରିଥିଲେ। ବୌଦ୍ଧରେ ୧୪ ତାରିଖଠାରୁ ଚାଲିଥିବା ଶାରୀରିକ, ମେଡିକାଲ, ଉଚ୍ଚତା, ପହଁରା ଆଦିରେ ସଫଳତା ହାସଲ କରିବା ପରେ ମଙ୍ଗଳବାର ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ହେଲେ ଲକ୍ଷ୍ୟସ୍ଥଳରୁ ମାତ୍ର ୨୦୦ ମିଟର ଦୂରରେ ଦୌଡୁଥିବା ସମୟରେ ପ୍ରବାସୀଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରିବାର ପାଇଁ ସାହାଭରସା ହେବାକୁ ଥିବା ପୁଅକୁ ହରେଇ ସମସ୍ତେ ଭାଙ୍ଗି ପଡିଛନ୍ତି। ଏପରିସ୍ଥଳେ ପ୍ରଶାସନ ତରଫରୁ ବୌଦ୍ଧ ତହସିଲଦାର ମାତ୍ର ଦଶହଜାର ଟଙ୍କା ଦେବା ସହ ପ୍ରବାସୀଙ୍କ ମୃତଦେହକୁ ନିଜ ଗ୍ରାମ ସୋରଡାକୁ ପଠାଇଦେଇ ନିଜର କର୍ତ୍ତବ୍ୟ ସାରିଦେଇଛନ୍ତି। ପରିବାର ପ୍ରତିପୋଷଣ ପାଇଁ ବଡପୁଅ ପ୍ରସନ୍ନକୁ ଖଣ୍ଡିଏ ସରକାରୀ ଚାକିରି ପାଇଁ ଦାବି କରିଛି ଏହି ପରିବାର। ଚାକିରିଟିଏ ମିଳିଲେ ସେମାନେ ଚଳିପାରନ୍ତେ ବୋଲି କୁହନ୍ତି ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ହୋଇପଡିଥିବା କୃପାସିନ୍ଧୁଙ୍କ ପରିବାର ଲୋକେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନୂଆଗାଁ ତହସିଲଦାର ପ୍ରଭାକର ସେଠୀ କହନ୍ତି, ବୁଧବାର ଅଫିସ ଛୁଟି ଅଛି, ଗୁରୁବାର ଅଫିସ ଗଲା ପରେ କ'ଣ ହୋଇଛି ବୁଝିବି ଓ ଯାହା ବ୍ୟବସ୍ଥା ହୋଇପାରିବ ତାହା କରିବି।


ଦୁଃଖରେ ମ୍ରିୟମାଣ ପରିବାରବର୍ଗ।


ପ୍ରବାସୀ ନାୟକ। (ଫାଇଲ ଫଟୋ)

■ଆଇଆର୍‌ବିରେ ନିଯୁକ୍ତି ପାଇଁ ଦୌଡ ବେଳେ ମୃତ୍ୟୁ ଘଟିଛି

■ବଡ଼ ପୁଅଙ୍କ ଚାକିରି ଦାବି କଲା ପରିବାର

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଦଶପଲ୍ଲା,୨୨।୮(ଡି.ଏନ.ଏ.): ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ୍‌ରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ସାଲୁ ପ୍ରଧାନ ଓ ତାଙ୍କ ଘର ଦଶପଲ୍ଲା ଥାନା ତୁମାଣ୍ଡି ଗ୍ରାମରେ। ସାଲୁ ଭୁବନେଶ୍ୱରର ଏକ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ କିଛିଦିନ ହେଲା ଘରକୁ ଆସିଥିଲେ। ବୁଧବାର ସେ ଏକ ଘରୋଇ ବସ୍‌ରେ ଦଶପଲ୍ଲାରୁ ଭୁବନେଶ୍ୱର ଯାଇଥିଲେ। ଭୁବନେଶ୍ୱର ବରମୁଣ୍ଡାଠାରେ ସମସ୍ତ ଲୋକ ଓହ୍ଲାଇବା ପରେ ଗାଡିଟି ତେଲ ପକାଇବା ପାଇଁ ଏକ ପେଟ୍ରୋଲ ଟାଙ୍କିକୁ ଯାଇଥିଲା। ସେଠାରେ ଗାଡିର ସ୍ଲିପରରେ ସାଲୁ ଶୋଇଥିବା ଦେଖି ଗାଡି କର୍ମଚାରୀମାନେ ତାଙ୍କୁ ଉଠାଇଥିଲେ। ସେ ନ ଉଠିବାରୁ ସେମାନେ ପୋଲିସକୁ ଖବର ଦେବା ସହ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଖବର ପାଇ ଭୁବନେଶ୍ୱରରେ ପହଞ୍ଚିବା ସହ ଥାନାରେ ଅଭିଯୋଗ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ସାଲୁଙ୍କ ମୃତ୍ୟୁ ଘଟିଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଅବକାରୀ ଚଢାଉ, ୨ ଗିରଫ

ଦଶପଲ୍ଲା,୨୨।୮ (ଡି.ଏନ.ଏ.): ବୁଧବାର ଦଶପଲ୍ଲା ଅବକାରୀ ବିଭାଗ ଓ ନୟାଗଡ଼ ଅବକାରୀ ସ୍କ୍ୱାଡ୍ ମିଳିତ ଭାବେ ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପୋଚ ନଷ୍ଟ କରିବା ସହ ୨ ମହିଳାଙ୍କୁ ଗିରଫ କରିଛନ୍ତି। ଝିଣ୍ଟିକାବାରି ଗ୍ରାମରେ ଚଢାଉ ବେଳେ ସୁଶାନ୍ତି ନାୟକଙ୍କଠାରୁ ୫ ଲିଟର ଓ ମିଲି ନାୟକଙ୍କଠାରୁ ୪ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ଜାମୁସାହି ଓ କନ୍ଧଅନ୍ଧାରକୁଟଠାରେ ଚଢାଉ କରାଯାଇ ମହୁଲି ଏବଂ ପୋଚ ନଷ୍ଟ କରାଯିବା ସହ ମଦରନ୍ଧା ସରଞ୍ଜାମ ଜବତ କରାଯାଇଛି। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଦଶପଲ୍ଲା ଅବକାରୀ ସବ୍‌ଇନ୍‌ସ୍ପେକ୍ଟର ସତ୍ୟନାରାୟଣ ଦାଶ, ଲକ୍ଷ୍ମୀଧର ବେହେରା ସାମିଲ ହୋଇଥିଲେ।

### ତ୍ୟାଗ ଓ ବଳିଦାନର ପର୍ବ ଇଦ୍ ଉଲ୍ ଜୁହା ପାଳିତ

ବୋଲଗଡ,୨୨।୮(ଡି.ଏନ.ଏ.): ଇସଲାମ ଧର୍ମର ତ୍ୟାଗ ଓ ବଳିଦାନର ପର୍ବ ଭାବେ ଇଦ୍ ଉଲ୍ ଜୁହା ପାଳିତ ହୋଇଥାଏ। ବୁଧବାର ବୋଲଗଡ ବ୍ଲକର ସମସ୍ତ ମୁସଲମାନ ଜନବସତିରେ ଏହି ପର୍ବ ପାଳିତ ହୋଇଯାଇଛି। ମାଣିକାଗୋଡା, ଭୀମପଡା, ଅରଖପଲ୍ଲୀ, ଇଚ୍ଛାପୁର, କେନ୍ଦୁପଲ୍ଲୀ, ଚୁଡା, ରାଜସୁନାଖଳାର କାଉଁରିପାଟଣା, କଡବ, ଜାମୁସାହି ଓ ଦକ୍ଷିଣ ପାରିକ୍ଷେତା ଆଦି ଗ୍ରାମ ଓ ସମସ୍ତ ମୁସଲମାନ ବସତିରେ ଏହା ପାଳନ କରାଯାଇଛି। ଏହି ଅବସରରେ ଇଦ୍‌ଗାହ ମଇଦାନରେ ସମବେତ ନମାଜ ପାଠ ସହ ସମସ୍ତେ କାନ୍ଧକୁ କାନ୍ଧ ମିଳାଇ ଇଦ୍ ମୁବାରକ୍ ଜଣାଇଥିଲେ। ଗରିବ ଶ୍ରେଣୀର ଲୋକମାନଙ୍କୁ ଦାନ ଧର୍ମ ମଧ୍ୟ କରାଯାଇଥିଲା।

### ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ
#### ୫୦ ହଜାର ଟଙ୍କା ଦାନ ସଂଗ୍ରହ

ନୟାଗଡ଼ ଅଫିସ,୨୨।୮: ମଙ୍ଗଳବାର ସନ୍ଧ୍ୟାରେ ନିଃସ୍ୱାର୍ଥ କାର୍ଯ୍ୟାଳୟଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକମାନଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ନିଃସ୍ୱାର୍ଥର ସମ୍ପାଦକ ଅରୁଣ କୁମାର ମହାନ୍ତି ଦିବସର ତାତ୍ପର୍ଯ୍ୟ ଓ ଦୈନନ୍ଦିନ ଜିଲା ଡାକ୍ତରଖାନାକୁ ବିଭିନ୍ନ ସ୍ଥାନରୁ ଚିକିତ୍ସା ନିମନ୍ତେ ଆସୁଥିବା ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନାଗରିକ କଲ୍ୟାଣ ଟ୍ରଷ୍ଟ ନାମରେ ଏକ ଜିଲାସ୍ତରୀୟ ସଙ୍ଗଠନ ଗଠନ କରାଯାଇଥିଲା। ବରିଷ୍ଠ ନାଗରିକ କଲ୍ୟାଣ ପାଣ୍ଠି ନାମରେ ୫ ଲକ୍ଷ ଟଙ୍କାର ସ୍ଥାୟୀ ଜମା ରାଶି ବ୍ୟାଙ୍କ୍‌ରେ ରଖାଯିବା ପାଇଁ ସ୍ଥିର ହୋଇଥିଲା। କଲ୍ୟାଣ ପାଣ୍ଠିକୁ ସଭ୍ୟମାନେ ପଚାଶ ହଜାର ଟଙ୍କା ଦାନ ଘୋଷଣା କରିଥିଲେ। ଅବଶିଷ୍ଟ ୪ ଲକ୍ଷ ୫୦ ହଜାର ଟଙ୍କା ସଂଗ୍ରହ କରିବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ସ୍ଥାନୀୟ ବିଧାୟକ, ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବରିଷ୍ଠ ନାଗରିକ ବିଦ୍ୟାଧର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

■ଚମ୍ପେଶ୍ୱରପୁରଠାରେ ପାସେଞ୍ଜର ହଲ୍‌ଟ ନିର୍ମାଣ ପ୍ରସଙ୍ଗ

## ୨୫ରେ ନୟାଗଡ଼ ଷ୍ଟେଶନରେ ରେଳରୋକୋ

ନୟାଗଡ଼ ଅଫିସ,୨୨।୮

ଚଳିତମାସ ୨୫ ତାରିଖରେ ନୟାଗଡ଼ ଟାଉନ ରେଳ ଷ୍ଟେଶନଠାରେ ୧୦ଘଣ୍ଟିଆ ରେଳରୋକୋ କରାଯିବ। ଚମ୍ପେଶ୍ୱରପୁରଠାରେ ପାସେଞ୍ଜର ହଲ୍‌ଟ (ପିଏଚ୍) ନିର୍ମାଣ ଦାବିରେ ବାଲୁଙ୍କେଶ୍ୱର ରେଲୱେ ସଂଗ୍ରାମ ସମିତି ତରଫରୁ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରେଳରୋକୋ କରାଯିବା ନେଇ ସମିତି ସଭାପତି ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି। ସମିତି ତରଫରୁ କରାଯାଇଥିବା ଅଭିଯୋଗ ଅନୁସାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍‌ର ଚମ୍ପେଶ୍ୱରପୁରଠାରେ ପିଏଚ୍ ନିର୍ମାଣ ପାଇଁ ଦାବି ହୋଇଆସୁଛି। ୨୦ ଜୁନ୍ ୨୦୧୭ରେ ଏ ନେଇ ରେଳ ବିଭାଗ ଗ୍ରୀନ୍ ସିଗ୍‌ନାଲ୍ ଦେଇଥିଲା। ହେଲେ କୌଣସି କାରଣରୁ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ଏହାର ପ୍ରତିବାଦରେ ଗତ ମେ' ୨୧ରେ ଇଟାମାଟିଠାରେ ରାସ୍ତାରୋକୋ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବାଧ୍ୟ ହୋଇ ରେଳରୋକୋ କରାଯିବ ବୋଲି ସୂଚନା ଦିଆଯାଇଛି। ଏ ନେଇ ସମିତି ପକ୍ଷରୁ ଚିଠି ମାଧ୍ୟମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜିଲାପାଳ, ରେଳ ବିଭାଗକୁ ସୂଚନା ଦିଆଯାଇଛି। ସଭାପତି ମନୋଜଙ୍କ ସମେତ ସମ୍ପାଦକ ନିରଞ୍ଜନ ସାଥୁଆ, ବିଶ୍ୱନାଥ ବରାଡ଼, ମହେଶ୍ୱର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ସାହୁ, ଅର୍ଜୁନ ବେହେରା, ଉମେଶ ପଟ୍ଟନାୟକ, କିଶୋର ଚନ୍ଦ୍ର ନାୟକ, ଗଙ୍ଗାଧର ନିଶାଙ୍କ, ନରେଶ ବରାଡ଼, ନିରଞ୍ଜନ ସାମନ୍ତରାୟ, ଅପର୍ତ୍ତି ବାଈ ପ୍ରମୁଖ ଏହି ରେଳରୋକୋରେ ସାମିଲ ହେବା ନେଇ ଚିଠିରେ ଉଲ୍ଲେଖ କରିଛନ୍ତି।

## ବାବା ବାଲୁଙ୍କେଶ୍ୱର ସେବାସଂଘ ବାର୍ଷିକୋତ୍ସବ


ସମ୍ବର୍ଦ୍ଧିତ ହୋଇଥିବା କଳାକାରମାନେ।

ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୨୨।୮

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ଶାସନ ବେଲପଦା ସାହିଠାରେ ବୁଧବାର ବାବା ବାଲୁଙ୍କେଶ୍ୱର ସେବା ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ଗାଁ ତହସିଲଦାର ସୁଧାକର ସାମନ୍ତରାୟ ମୁଖ୍ୟଅତିଥି, ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ ଓ ସିଆରସିସି ରଞ୍ଜନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବସମାଜ ନିଃସ୍ୱାର୍ଥପର ସେବା ପାଇଁ ମନ ବଳାଇଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦୀର୍ଘ ୬ଦଶନ୍ଧି ଧରି ନାଟକ ଅଭିନୟରେ ସାମିଲ ହୋଇଥିବା ୬ଜଣ କଳାକାରଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ପନ୍ତିଖାରୀ ଶାସନର ଗଙ୍ଗାଧର ଜେନା, ରାମଚନ୍ଦ୍ର ସାହୁ, ବାବାଜୀ ସାହୁ, ରାମଚନ୍ଦ୍ର ସେଠୀ, ଗୁରୁବାରି ଭଞ୍ଜ ଓ ଆମ୍ବରପୁର ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ଭାବେ ପରିଚିତ ବୁଦ୍ଧିବାମନ ରାଉତ। ଶେଷରେ ସେବା ସଂଘର ସଭ୍ୟମାନଙ୍କ ଦ୍ୱାରା ଗୀତିନାଟ୍ୟ ମହି ରାବଣ ବଧ (ରାମଲୀଳା) ଅନୁଷ୍ଠିତ ହୋଇଥିଲା। ନାରାୟଣ ଜେନା, ଗୋବିନ୍ଦ ଷଡ଼ଙ୍ଗୀ, ପ୍ରସନ୍ନ ଭଞ୍ଜଙ୍କ ସମେତ ଗ୍ରାମବାସୀ ଉତ୍ସବରେ ସହଯୋଗ କରିଥିଲେ।

## ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

ନୟାଗଡ଼ ଅଫିସ,୨୨।୮

ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ପୂଜା ଉତ୍ସବ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କମିଟିର ଉପଦେଷ୍ଟା ତଥା ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ସଭାପତି ନିରଞ୍ଜନ ମିଶ୍ର ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ନିର୍ମଳ ଚନ୍ଦ୍ର ଶୂରଦେଓ ବିବରଣୀ ପଠନ କରିଥିଲେ। ପରେ କମିଟିର କୋଷାଧ୍ୟକ୍ଷ ସୁମନ କୁମାର ସାହୁ ପୂର୍ବବର୍ଷର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ନୟାଗଡ଼ ଏନ୍‌ଏସି ନଗରପାଳ ଗୁରୁପ୍ରସାଦ ଜେନା ଚଳିତବର୍ଷ ପୂଜା କିପରି ସରସସୁନ୍ଦର ହେବ ସେ ନେଇ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ମନୋଜ ପାତ୍ର, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ବର୍ଷ ପୂଜାକୁ ସରସସୁନ୍ଦର କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିମାନେ।

## ଝୁଲଣ ଦୋଳିରେ ରାଧାକୃଷ୍ଣ

ଗଣିଆ,୨୨।୮(ଡି.ଏନ.ଏ.)

ଗଣିଆ ବ୍ଲକର ବିଭିନ୍ନ କୃଷ୍ଣମନ୍ଦିରରେ ମଙ୍ଗଳବାର ଶୁକ୍ଳପକ୍ଷ ଦଶମୀ ତିଥିରୁ ରାଧାକୃଷ୍ଣଙ୍କ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଝୁଲଣ ଯାତ୍ରା ଅବସରରେ ପ୍ରତିଦିନ ସନ୍ଧ୍ୟାରେ ଆଳତି ପରେ ଶ୍ରୀଜୀଉଙ୍କୁ ଝୁଲଣ ମଣ୍ଡପକୁ ବିଜେ କରାଇ ଦୋଳି ଖେଳାଯାଇଥାଏ। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ କରାଯାଇଥାଏ। ସେହିପରି ଠାକୁରଙ୍କ ବାଲ୍ୟକାଳଠାରୁ ଆରମ୍ଭ କରି ରାଜ୍ୟାଭିଷେକ, ପଶାଖେଳ ଆଦି ପ୍ରସଙ୍ଗରେ ଗୀତ ଗାନ କରିବା ସହ କୁନିକୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ପ୍ରଭୁ ରସରାଜ ଶ୍ରୀକୃଷ୍ଣ ଓ ରାସେଶ୍ୱରୀ ଶ୍ରୀରାଧାଙ୍କ ଏହି ବର୍ଷା କାଳୀନ ରାସଉତ୍ସବ ଦେଖିବା ପାଇଁ ବହୁ ସଂଖ୍ୟାରେ ବୈଷ୍ଣବଧର୍ମୀ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ଉତ୍ସବ ବ୍ଲକର ରାସଙ୍ଗ, ଗଣିଆ, କାଦୁଅ, ହଟିଆପଲ୍ଲୀ, ବେଲପଡ଼ା, ମାଳତିପୁଟ ଓ ଇନ୍ଦିପଟା ଆଦି ଗ୍ରାମରେ ଥିବା ମନ୍ଦିରରେ ଅନୁଷ୍ଠିତ ହୋଇଛି। ଏହି ଝୁଲଣ ଉତ୍ସବ ଶୁକ୍ଳପକ୍ଷ ଦଶମୀ ତିଥିଠାରୁ ଆରମ୍ଭ ହୋଇ ପୂର୍ଣ୍ଣମୀରେ ଉଦ୍‌ଯାପିତ ହେବ।

## ପାରିବାରିକ ହିଂସା ଆଇନ ଉପରେ ତାଲିମ

ଖୋର୍ଦ୍ଧା ଅଫିସ,୨୨।୮: ଖୋର୍ଦ୍ଧା ଜିଲାପାଳଙ୍କ ସଭାଗୃହରେ ପାରିବାରିକ ହିଂସା ଆଇନ ୨୦୦୫ ଉପରେ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଓ ପିଡି ଡିଆରଡିଏ ସରୋଜ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୨୫ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷକ, ୧୫ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟାପକ, ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ନୀଳମାଧବ ପୀଠରେ ଝୁଲଣ ଯାତ୍ରା ଆରମ୍ଭ

ଖଣ୍ଡପଡା,୨୨।୮(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ପୀଠରେ ବୁଧବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ତତ୍‌ସଂଲଗ୍ନ ରାଧା ମୋହନ ଜୀଉ ମଠ, କଣ୍ଟିଲୋ ଠାକୁର ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମ, ସିଧାମୂଳାସ୍ଥ ଜଗନ୍ନାଥ ଜୀଉଙ୍କ ମନ୍ଦିର, ଖଣ୍ଡପଡା ଜଗନ୍ନାଥ ଜୀଉ ଓ ଖଳିସାହି ଗୋପାଳ ଜୀଉ ମନ୍ଦିରରେ ବୁଧବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ନୀଳମାଧବ ଜୀଉ ଓ ସିଧାମୂଳାସ୍ଥ ଜଗନ୍ନାଥ ମନ୍ଦିରରେ ଭୋର ୫ଟାରେ ସ୍ନାନ ଅବକାଶ, ୭ଟାରେ ବଲ୍ଲଭ, ସାଢେ ୧୧ଟାରେ ସକାଳ ଧୂପ ଓ ପରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ହୋଇ ଠାକୁର ପହଡ ଯାଇଥିଲେ। ସନ୍ଧ୍ୟା ସାଢେ ୮ଟାରେ ଏକାଦଶୀ ଓ ମହାଦୀପ ଉଠି ରାତି ୯ଟାରେ ଧୂପ ହୋଇଥିଲା। ରାତି ପ୍ରାୟ ସାଢେ ୯ଟାରେ ମଦନମୋହନଙ୍କ ସହ ଲକ୍ଷ୍ମୀ, ସରସ୍ୱତୀଙ୍କୁ ମୁକ୍ତି ମଣ୍ଡପକୁ ବିଜେ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀଜୀଉମାନେ ଝୁଲଣ ବେଦୀରେ ବିଜେ ହୋଇଥିଲେ। ସନ୍ଧ୍ୟାରେ ମଦନମୋହନଙ୍କୁ ଝୁଲଣ କୁଞ୍ଜ(ଦୋଳିରେ)ରେ ବିଜେ କରାଯାଇ ନାମ ସଂକୀର୍ତ୍ତନ ସହ ଶ୍ରଦ୍ଧାଳୁମାନେ ଝୁଲାଇ ଥିଲେ। ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉଙ୍କ ମଠରେ କଣ୍ଟିଲୋ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଝୁଲଣ ସଙ୍ଗୀତ ଆବୃତ୍ତି କରାଯାଇଥିଲା। ଏହି ଝୁଲଣ କାର୍ଯ୍ୟକ୍ରମ ବୁଧବାରଠାରୁ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ।


ଝୁଲଣ ବେଦୀରେ ଶ୍ରୀଜିଉ।

## ବନ୍ଧୁକ ଦେଖାଇ ଲୁଟ୍ ଘଟଣା: ଜଣଙ୍କୁ ଜେଲ

ରଣପୁର,୨୨।୮(ସ୍ୱ.ପ୍ର.)

ଇଟାମାଟିରୁ ରଣପୁର ଅଭିମୁଖେ ଆସୁଥିବା ଜଣେ ବ୍ୟାଙ୍କ କଲେକସନ ଏକଜୁକ୍ୟୁଟିଭଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଘଟଣାରେ ରଣପୁର ପୋଲିସ ଜଣେ ଲୁଟେରାକୁ ଗିରଫ କରିଛି। ଗିରଫ ଲୁଟେରା ହେଲେ ବିଜୟ କୁମାର ପ୍ରଧାନ (୨୧), ଘର ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୧ନମ୍ବର ୱାର୍ଡରେ। ଲୁଟ୍ ଘଟଣା ନେଇ ଗତମାସ ୩୧ତାରିଖରେ ରଣପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୫୫/୧୮ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଘଟଣାର ୨୧ ଦିନ ପରେ ପୋଲିସ ଜଣେ ଲୁଟେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ଲୁଟ୍ ଘଟଣାରେ ଜଡିତ ଥିବା ଅନ୍ୟ ଦୁଇ ଜଣ ଲୁଟେରାଙ୍କୁ ଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଗିରିଜା ଶଙ୍କର ରଥ ପ୍ରକାଶ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ନୟାଗଡ ଜିଲା ଇଟାମାଟି ଥାନା ଅଧୀନ ଗମ୍ଭାରିଡିହି ଗ୍ରାମର ଶରତ କୁମାର ସାଥୁଆ ଆକ୍ସିସ୍ ବ୍ୟାଙ୍କରେ କଲେକସନ ଏକଜୁକ୍ୟୁଟିଭ ଭାବରେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ପରି ଗତ ଜୁଲାଇ ୩୧ରେ ବାଇକ୍ ଯୋଗେ ବିଭିନ୍ନ ସ୍ଥାନକୁ ଯାଇ ଟଙ୍କା କଲେକସନ କରି ରଣପୁରରୁ ନୟାଗଡ ଅଭିମୁଖେ ଫେରୁଥିଲେ। ରଣପୁର ଥାନା ଦର୍ପନାରାୟଣପୁର କାକଲମା ଛକରେ ମଧ୍ୟାହ୍ନ ୧୨ଟାରେ ଏକ ବାଇକ୍‌ରେ ୩ଜଣ ଯୁବକ ଆସି ତାଙ୍କୁ ଅଟକାଇ ଥିଲେ। ୨ ଜଣ ଯୁବକ ଗାଡିରୁ ଓହ୍ଲାଇ ତାଙ୍କୁ ମାଡ ମାରିବା ସହିତ ମୁଣ୍ଡରେ ବନ୍ଧୁକ ଦେଖାଇ ବ୍ୟାଗ, ୨ଟି ମୋବାଇଲ ଓ ମନିପର୍ସ ସହ ନଗଦ ୪ହଜାର ଟଙ୍କା ଧରି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା।

■ ଗ୍ରାମ କୂଅରେ ପଶୁଛି ଡ୍ରେନ ପାଣି

## ନର୍ଦ୍ଦମା ସଫାକଲେ ମହିଳା

ଖଣ୍ଡପଡା,୨୨।୮(ସ୍ୱ.ପ୍ର.)

କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସାହି ବସ୍ତିରେ ଥିବା ଡ୍ରେନଗୁଡିକୁ ବର୍ଷା ଦିନେ ସଫା କରାଯାଇ ନ ଥିବାରୁ ସମସ୍ୟା ଉପୁଜୁଛି। ଅଧିକାଂଶ ସ୍ଥାନରେ ଡ୍ରେନ ପାଣି ରାସ୍ତା ଉପର ଦେଇ ପ୍ରବାହିତ ହେଉଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି।

ସେହିପରି କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣେଶ୍ୱର ପାଟଣା ଗ୍ରାମରେ ଥିବା ଏକ ଡ୍ରେନ ବର୍ଷା ଦିନ ପୂର୍ବରୁ ସଫା ହୋଇ ନ ଥିବାରୁ ତାହା ପୋତି ହୋଇ ନର୍ଦ୍ଦମା ପାଣି ରାସ୍ତା ଉପର ଦେଇ ପ୍ରବାହିତ ହେଉଛି। ଅନ୍ୟପକ୍ଷେ ସ୍ଥାନୀୟ କୃଷ୍ଣେଶ୍ୱର ମନ୍ଦିର ଓ ମୁଖ୍ୟ ରାସ୍ତା ପାର୍ଶ୍ୱ ଅନ୍ତର୍ଯ୍ୟାମୀ ସାହୁଙ୍କ ଘର ପାଖରେ ରହିଛି ଏକ କୂଅ, ଯାହାକି ଲୋକମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲାଗିଥାଏ। ଜଳ ଯୋଗାଣ ପ୍ରକଳ୍ପର ପାଣି ଠିକ୍ ଭାବରେ ଆସୁ ନ ଥିବାରୁ ଉକ୍ତ ଗ୍ରାମବାସୀ ସେହି କୂଅ ପାଣି ଉପରେ ନିର୍ଭର କରିଥାନ୍ତି। ତେବେ ଉକ୍ତ କୂଅ ନିକଟରେ ଡ୍ରେନଟି ଯାଇଥିବା ବେଳେ ଜଳ ନିଷ୍କାସନ ପଥ ଶେଷ ମୁଣ୍ଡରେ ଅବରୋଧ ହୋଇ ଯାଇଥିବାରୁ ନର୍ଦ୍ଦମା ପାଣି କୂଅର ଉପରମୁଣ୍ଡରେ ଜମାହୋଇ ରହି କୂଅ ମଧ୍ୟକୁ ଲିକେଜ ହୋଇ ପାଣିକୁ ଦୂଷିତ କରୁଛି। ଗତ କିଛି ଦିନ ତଳେ ଲଘୁଚାପ ଜନିତ ବର୍ଷା ଫଳରେ ନର୍ଦ୍ଦମା ପାଣି କୂଅର ଉପରିଭାଗରେ ଜମା ହୋଇ ଅଧିକ ସମସ୍ୟା ସୃଷ୍ଟି କରିଥିଲା। ଫଳରେ ସ୍ଥାନୀୟ ଲୋକେ କୂଅ ପାଣିକୁ ବ୍ୟବହାର କରିବା ସମ୍ଭବ ନ ଥିଲା। କ୍ରମାଗତ ଭାବରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ବ୍ୟାହତ ହୋଇଥିବାରୁ ଲୋକେ ପାଣି ବିନା ନାହିଁ ନଥିବା ସମସ୍ୟା ମଧ୍ୟରେ ଗତି କରିଥିଲେ। ଗ୍ରାମବାସୀ ତଥା ସାହି ବାସିନ୍ଦା ଏହାର ପ୍ରତିକାର ପାଇଁ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ମହିଳାମାନେ ବାଧ ହୋଇ ଏ ଦିଗରେ ଅଣ୍ଟା ଭିଡିଥିଲେ। ଉକ୍ତ ସାହିର ମହିଳାମାନେ ବୁଧବାର ପୂର୍ବାହ୍ନରେ ମିଳିତ ହୋଇ କୂଅ ନିକଟରେ ଯାଇଥିବା ଡ୍ରେନରୁ ଅଳିଆ ଆବର୍ଜନା ଓ ମାଟି ଉଠାଇଥିଲେ। ଏହାପରେ ପୁରୁଷମାନେ ନିଜ ଉଦ୍ୟମରେ ମୋଟର ପମ୍ପ ଲଗାଇ କୂଅର ପାଣିକୁ ଉଝାଳିଥିଲେ। ନର୍ଦ୍ଦମା ସଫା କରିଥିବା ରାଜଶ୍ରୀ ସାହୁ, ଇନ୍ଦୁପ୍ରଭା ସାହୁ, ଉଷାରାଣୀ ସାହୁ, ଉତ୍ତମ ସାହୁ, ସୁଜାତା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ସାହୁ, ସୁଜାତା କାଣ୍ଟି ପ୍ରମୁଖ ବହୁ ମହିଳା କହିଥିଲେ, ନର୍ଦ୍ଦମା ପାଣି ଗାଁ ମୁଣ୍ଡରେ ଥିବା ଜମିରେ ନିଷ୍କାସନ ହେଉଥିଲା। ଠାକୁରଙ୍କ ଜମି ଦାୟିତ୍ୱରେ ଥିବା ପୂଜକ ନର୍ଦ୍ଦମା ପାଣି ଜମିକୁ ଛାଡି ନ ଦେଇ ନିଷ୍କାସନ ପଥକୁ ବନ୍ଦ କରିଦେବା ଫଳରେ ନର୍ଦ୍ଦମା ପାଣି ରାସ୍ତା ଉପରେ ପ୍ରବାହିତ ହେବା ସହ କୂଅ ପାଖରେ ଜମି ରହିଥିବା ପାଣି କୂଅ ଭିତରେ ପଶି ଦୂଷିତ କରିଦେଉଛି। ଆଗାମୀ ଦିନରେ ଏହାର ପ୍ରତିକାର କରା ନ ଗଲେ ଆମେମାନେ ବାଧହୋଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ସେମାନେ କହିଥିଲେ। ଅନ୍ୟପକ୍ଷରେ ଦୂଷିତ କୂଅ ପାଣିକୁ ଦିଲ୍ଲୀପ କୁମାର ସାହୁ, ପ୍ରକାଶ କୁମାର ନାୟକ, ରାଜାରାମ ସାହୁ, ସୂର୍ଯ୍ୟମଣି ମହାରଣା ପ୍ରମୁଖ ଉଝାଳିଥିଲେ। ଆଉ ୧/୨ ମାସ ମଧ୍ୟରେ ପଞ୍ଚାୟତକୁ ଅନୁଦାନ ଆସିଲେ ଡ୍ରେନର ପୁନରୁଦ୍ଧାର କରାଯିବା ସହ ରାଜସ୍ୱ ବିଭାଗର ସହଯୋଗରେ ରାସ୍ତା ପାର୍ଶ୍ୱ ଜାଗାକୁ ଚିହ୍ନଟ କରାଯାଇ ଡ୍ରେନ ନିଷ୍କାସନ ପଥପରିଷ୍କାର କରାଯିବ ବୋଲି ଗ୍ରାମର ପ୍ରଦୀପ କୁମାର ଜେନା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଥିଲେ।


ନର୍ଦ୍ଦମା ସଫା କରୁଛନ୍ତି ଗାଁ ମହିଳାମାନେ।

